ସକାଳ
THE SAKALA



ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଓ ମଧ୍ୟାହ୍ନଭୋଜନରେ ଅନିୟମିତତା

# ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରଛାତ୍ରୀ ଓ ଅଭିଭାବକ

ବ୍ରହ୍ମଗିରି, ୯।୨(ସମିସ)



ସୋମବାର ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍‌ର ପୁଲକେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଗୋରୁଆଳ ଗେଟ୍‌ରେ ତାଲା ପକାଇଲେ ଛାତ୍ରଛାତ୍ରୀ ଓ ଅଭିଭାବକ। ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଓ ମଧ୍ୟାହ୍ନଭୋଜନ ଦୁର୍ନୀତିର ସିବିଆଇ ତଦନ୍ତ ଦାବିରେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଲେ ପରିଚାଳନା କମିଟି ଓ ଅଭିଭାବକ। ବାରମ୍ବାର ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରିଆସୁଥିଲେ ଗ୍ରାମବାସୀ। ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ରହ୍ମଗିରି ବ୍ଲକ୍ ଶିକ୍ଷାଧିକାରୀ କୌଣସି ପଦକ୍ଷେପ ନ ନେବାରୁ ଅଭିନବ ପ୍ରତିବାଦ କଲେ ଛାତ୍ରଛାତ୍ରୀ ଓ ଅଭିଭାବକ। ଛାତ୍ରଛାତ୍ରୀଙ୍କ ପ୍ରତି ଶିକ୍ଷକଙ୍କ ଦୁର୍ବ୍ୟବହାର ଓ ମଧ୍ୟାହ୍ନଭୋଜନରେ ଅନିୟମିତତା ମୁଖ୍ୟ ମୁଦ୍ଦା। ବିଦ୍ୟାଳୟ ବାହାରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଛିଡ଼ା ହୋଇ ରହିଛନ୍ତି। ଘଟଣାସ୍ଥଳରେ ସଦର ଥାନା ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ।

ପୁଲକେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଓ ଅଭିଭାବକ କୁହନ୍ତି, ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ବିଦ୍ୟାଳୟର ଶତାଧିକ ଅଭିଭାବକ। ଏନେଇ ଆମ୍ଭେମାନେ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ସ୍ଥାନୀୟ ବିଧାୟିକାଙ୍କୁ ଦେଇଥିଲୁ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ୨୨.୧.୨୦୨୬ ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ୨୭.୧.୨୦୨୬ରେ ଦାବିପତ୍ର ପ୍ରଦାନ କରିଥିଲୁ। ଏକ ସପ୍ତାହ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ତାଙ୍କୁ ଅନ୍ୟତ୍ର ବଦଳି ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଦ୍ୟାଳୟକୁ ଅଚଳ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ସେମାନେ ଅଭିଯୋଗ କରିଛନ୍ତି, ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନଭୋଜନ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଛି। ପ୍ରତ୍ୟେକ ଦିନ ଅଧିକ ଉପସ୍ଥାନ ଦର୍ଶାଯାଇ ମଧ୍ୟାହ୍ନଭୋଜନ ଅର୍ଥ ଆତ୍ମସାତ୍ କରାଯାଉଛି। ସେହିପରି ଛାତ୍ରଛାତ୍ରୀଙ୍କ ପାଇଁ ଆସୁଥିବା ଅଣ୍ଡା ବଦଳରେ ଫଳ ଦେବାର ନିୟମ ରହିଥିବାବେଳେ ତାହା ଦିଆଯାଉ ନାହିଁ। ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଠିକ୍ ଭାବେ ବସୁନାହିଁ। ଅଭିଭାବକମାନେ ବିଦ୍ୟାଳୟର କୌଣସି ପିଲାଙ୍କ ସମସ୍ୟା ବୁଝିପାରୁ ନାହାନ୍ତି। କୌଣସି ବିଷୟରେ କିଛି ପଚାରିବାକୁ ଗଲେ ବିଦ୍ୟାଳୟ ଫାଟକରେ ତାଲା ଝୁଲୁଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କୌଣସି ଗୋଟିଏ ହେଲେ ଶ୍ରେଣୀର ପାଠ ପଢ଼ାଉ ନାହାନ୍ତି। ତୁରନ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ଶତାଧିକ ଅଭିଭାବକ ଦାବି କରିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ସେଠି ପ୍ରତିକ୍ରିୟାରେ କହିଛନ୍ତି, ମୋ ବିରୋଧରେ ଆସିଥିବା ଏକାଧିକ ଅଭିଯୋଗ ମିଛ। ମୁଁ କୌଣସି ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିନାହିଁ। ଅଭିଭାବକମାନେ ଯାହା କହୁଛନ୍ତି ତାହା ଠିକ୍ ନୁହେଁ। ତଦନ୍ତ ହେଲେ ଏହାର ସତ୍ୟାସତ୍ୟ ବାହାରିବ। ଏହି ଘଟଣା ସକାଳ ୧୦ଟା ସମୟରେ ହୋଇଥିଲେ ମଧ୍ୟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତରଫରୁ କୌଣସି ଅଫିସର ସେଠାକୁ ଆସି ନ ଥିଲେ। ଘଟଣା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ। ସଦର ଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିବା ସହିତ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ବୁଝାସୁଝା କରିଥିଲେ। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଘଟଣାର ତଦନ୍ତ କରିବାକୁ କହିବାରୁ ଦିନ ୨ଟା ପରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଧାରଣାରୁ ଓହରିଥିଲେ।

## ଶାରଳା କପ୍ କ୍ରିକେଟ: ଢେଙ୍କାନାଳ ଚାମ୍ପିଅନ




ଅସ୍ତରଙ୍ଗ, ୯।୨(ସମିସ): ଅସ୍ତରଙ୍ଗ ମା' ଶାରଳା ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ନରେନ୍ଦ୍ର ଷ୍ଟାଡିୟମ୍‌ରେ ସୋମବାର ମେଗା ଫାଇନାଲ୍ କ୍ରିକେଟ ମ୍ୟାଚ୍ ଢେଙ୍କାନାଳ ଓ ଆଦିତ୍ୟ ୧୧ ଭୁବନେଶ୍ୱର ମଧ୍ୟରେ ଖେଳାଯାଇଥିଲା। ଏଥିରେ ଢେଙ୍କାନାଳ ଚାମ୍ପିଅନ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ଟସ୍ ଜିତି ଢେଙ୍କାନାଳ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୪୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଦିତ୍ୟ ୧୧ ଭୁବନେଶ୍ୱର ୧୩୬ କରି ପରାସ୍ତ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଦୀପକ ବେହେରା ୪ଟି ୱିକେଟ୍ ହାସଲ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ଆଦିତ୍ୟ ୧୧ର ମନୋଜ ବେହେରା ମନୋନୀତ ହୋଇଥିଲେ। ମୁଖ୍ୟ ଅତିଥି ଭାବରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଅନ୍ୟ ଅତିଥି ଭାବରେ ବାଇଧର ମଲ୍ଲିକ, ବ୍ଲକ୍ ଅଧକ୍ଷା ଆରତି ନାୟକ, ଦିବାକର ଛାଟୋଇ, ଦୁର୍ଜୟ ମିଶ୍ର, ଦୁଇ ସିନେ ଅଭିନେତ୍ରୀ ଭୂମିକା ଦାଶ, ପୁନମ୍ ମିଶ୍ର, ସଭାପତି ଯୁଗଳ କିଶୋର ମହାନ୍ତି ଯୋଗଦେଇଥିଲେ। ଡ୍ୟାମ୍ପିଂ ଅମ୍ପାୟାର ଦିବ୍ୟଦର୍ଶୀ ଛାଟୋଇ, ଅୟସକାନ୍ତ ମହାପାତ୍ର ଖେଳ ପରିଚାଳନା କରିଥିଲେ। ପ୍ରକାଶ ଚନ୍ଦ୍ର ବେହେରା, ରାକେଶ ମହାନ୍ତି, ଦ୍ରୁପଦ ଭୋଳ ଧାରାବିବରଣୀ ଦେଇଥିବାବେଳେ ମିଥୁନ ବେହେରା, ଶୁଭମ୍ ସ୍କୋର୍ ଦାୟିତ୍ୱ ତୁଲାଇଥିବା ମିଡିଆ ସେଲ ସମ୍ପାଦକ ପ୍ରକାଶ ନାୟକ ସୂଚନା ଦେଇଥିଲେ। ବିଜୟୀ ଟିମ୍‌କୁ ଟ୍ରଫି ସହ ୩୫ ହଜାର ୧୧୧ ଟଙ୍କା ଏବଂ ରନର୍ସ ଅପ୍ ଟିମ୍‌କୁ ୨୫ ହଜାର ୧୧୧ ଟଙ୍କା ପ୍ରଦାନ କରାଯାଇଥିଲା।

## ଉକୁଣୀ ନେଲା ନାବାଳିକାର ଜୀବନ



ବଳଙ୍ଗା, ୯।୨(ସମିସ): ଉକୁଣୀ ନେଲା କୋମଳମତି ପିଲାର ଜୀବନ। ଚାଲିଗଲା ଜଣେ ୧୨ ବର୍ଷୀୟା ନାବାଳିକାର ଜୀବନ। ଘଟଣା ଘଟିଛି ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ଚମ୍ପାଗଡ଼ ସାହିରେ। ମୃତକ ହେଲେ ଲିଙ୍ଗରାଜ ସାହୁଙ୍କ ଝିଅ ଲକ୍ଷ୍ମୀପ୍ରିୟା ସାହୁ। ସୂଚନା ଅନୁଯାୟୀ, ଲକ୍ଷ୍ମୀପ୍ରିୟା ସ୍ଥାନୀୟ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀର ଛାତ୍ରୀ ଥିଲେ। କିଛି ମାସ ତଳେ ତାଙ୍କ ମୁଣ୍ଡରେ ମାତ୍ରାଧିକ ଉକୁଣୀ ହୋଇଥିଲା। ଅନେକ ପ୍ରତିକାର କରିବା ସତ୍ତ୍ୱେ ଭଲ ହୋଇ ନ ଥିଲା। ମାଆ ସତ୍ୟଭାମା ସାହୁ ଲଣ୍ଡା ହେବାକୁ କହିଥିଲେ। ହେଲେ ଝିଅ ଲକ୍ଷ୍ମୀପ୍ରିୟା ରାଜି ହୋଇ ନ ଥିଲେ। ଏହାରି ଭିତରେ ଉକୁଣୀଗୁଡ଼ିକ ଖପୁରୀକୁ ଆକ୍ରାନ୍ତ କରିଥିଲେ। ମୁଣ୍ଡରୁ ଦୁର୍ଗନ୍ଧ ବାହାରିବାରୁ ଲକ୍ଷ୍ମୀପ୍ରିୟା ବାହାରକୁ ବାହାରିବା ବନ୍ଦ କରି ଦେଇଥିଲେ। ମୁଣ୍ଡରେ ତ୍ରୁଟି ରହୁଥିବାରୁ ପରିବାର ଲୋକେ କିଛି ଜାଣିପାରି ନ ଥିଲେ। ୩ ଦିନ ତଳେ ହଠାତ୍ ତାଙ୍କର ରକ୍ତବାନ୍ତି ହେବା ପରେ ପରିବାର ଲୋକେ ଲକ୍ଷ୍ମୀପ୍ରିୟାଙ୍କୁ ପୁରୀ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବୃତ୍ତି ପରୀକ୍ଷାରେ ଦିବ୍ୟରଶ୍ମି ଓ ଆରୀୟନଙ୍କ ସଫଳତା





ଗୋପ/ନୟାହାଟ, ୯।୨(ସମିସ): ଗୋପ ବ୍ଲକ୍ ଅନ୍ତର୍ଗତ ଗୋପ ପଞ୍ଚାୟତ ବଣିଆସାହି ଗ୍ରାମର ଆରୀୟନ ସାହୁ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବ୍ଲକ୍ ଟପ୍ପର ହୋଇଛନ୍ତି। ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଗୋପରେ ପାଠ ପଢୁଥିବା ଆରୀୟନ ଗୋପ ପାଇଁ ଗର୍ବ ଆଣିଛନ୍ତି। ସୁରେଶ ସାହୁ ଓ ରେଖା ପ୍ରଧାନଙ୍କ ସୁପୁତ୍ର ଆରୀୟନ ପରିବାର ସହ ସ୍କୁଲ ଓ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହି ସଫଳତା ପଛରେ ସ୍କୁଲ ଶିକ୍ଷକଙ୍କ ପ୍ରମୁଖ ଭୂମିକା ରହିଥିବାବେଳେ ଉଚିତ୍ ମାର୍ଗଦର୍ଶନ ଓ ପଢ଼ା ଶୈଳୀ ପାଇଁ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି ପରିବାର ଲୋକେ।

ସେହିପରି ନୟାହାଟ ଫାଣ୍ଡି ବଉଲାଙ୍ଗ ପଞ୍ଚାୟତର ବଉଲାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଦେବାଶିଷ ଖୁଣ୍ଟିଆଙ୍କ ପୁଅ ଦିବ୍ୟରଶ୍ମି ଖୁଣ୍ଟିଆ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ପାସ୍ କରି ବୃତ୍ତି ପାଇବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ବଉଲାଙ୍ଗ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସରୋଜ ବେହେରା ଓ ଶିକ୍ଷୟିତ୍ରୀ ଦୀପ୍ତିମୟୀ ବିଶ୍ୱାଳଙ୍କ ଚେଷ୍ଟା ଫଳରେ ଦିବ୍ୟରଶ୍ମି ବୃତ୍ତି ପାଇବା ପାଇଁ ଗୋପ ବ୍ଲକ୍‌ରୁ ଯୋଗ୍ୟତା ହାସଲ କରିଛନ୍ତି।

## ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



ନିମାପଡ଼ା, ୯।୨(ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପୁରୀ ଜିଲ୍ଲା ଶାଖା ତରଫରୁ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ବିଧାୟକଙ୍କ ଉଦ୍ୟମରେ ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟିରେ ସଂଘର ଦାବି ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଏବଂ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ୧ ଜୁନ୍ ୨୦୦୮ରୁ ୧ ଜୁନ୍ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ଉପରେ ଆଲୋଚନା କରାଯାଇଥିଲା। ପୁନଶ୍ଚ ଗତ ୭ ତାରିଖରେ ଉଚ୍ଚସ୍ତରୀୟ କମିଟି ସହ ସଂଘର ପୁନର୍ବାର ଆଲୋଚନା ସମାହିତ ହୋଇଛି। କମିଟିର ଅଧକ୍ଷ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଶୋକ ତ୍ରିପାଠୀ ଏବଂ କମିଟିର ସଦସ୍ୟ ସଂଘର ଦାବି ଯଥାର୍ଥ ବୋଲି ହୃଦୟଙ୍ଗମ କରିବା ସହ ଅନୁଦାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିସ୍ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ସହଯୋଗ ସଂଘ ତରଫରୁ କୃତଜ୍ଞତା ପ୍ରକାଶ କରାଯିବା ସହ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ରାଜ୍ୟ ଉପସଭାପତି ଦୁର୍ଯ୍ୟୋଧନ ପାହାଳ, ସଂଘର ସମ୍ପାଦକ ପ୍ରିୟବ୍ରତ ମହାପାତ୍ର, ସଂଘର ଆବାହକ ଅଧ୍ୟାପକ ନିଲୁ ନାୟକ, ଖଣ୍ଡ ସଂଯୋଜକ ଅଧ୍ୟାପକ ଜୀବନ ଦାଶ, କବିତା ତିଆଡ଼ି, ମୋନାଲିସା ମିତ୍ରା, ଅନନ୍ତ ବଳବନ୍ତରାୟଙ୍କ ନେତୃତ୍ୱରେ ପୁରୀ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଅଧ୍ୟାପକ ଏବଂ କର୍ମଚାରୀ ଯୋଗ ଦେଇଥିଲେ।

## ରାତିରେ ବାଲି ଚୋରା ଚାଲାଣ; ଖଣି ବିଭାଗ ନିରବ




ନୟାହାଟ, ୯।୨(ସମିସ): ଦେବୀ ନଦୀରୁ ହାଇୱା ଦ୍ୱାରା ରାତିରେ ମୁଖ୍ୟରାସ୍ତା ଦେଇ ବେଆଇନ ଭାବେ ବାଲି ଚୋରା ଚାଲାଣ କରାଯାଉଛି। ସରକାରଙ୍କ ନିୟମ ଅନୁସାରେ ବାଲିମାଫିଆମାନେ କୋଟି କୋଟି ଟଙ୍କାର ରାଜସ୍ୱ ଠକିବା ପାଇଁ ନକଲି ରସିଦ୍ ତିଆରି କରି କେଉଁ ଫର୍ମ ନ ଥାଇ ଓ ବାଲି ବୋହୁଛନ୍ତି। ଗାଡ଼ିର କାଗଜପତ୍ର ସଠିକ୍ ନ ଥିବାବେଳେ ଏମାନଙ୍କୁ ପ୍ରଶାସନ ତରଫରୁ ଯଥା- ତହସିଲ୍‌ଦାର, ଲଘୁ ଖଣିଜ ବିଭାଗ, ପୁଲିସ ପକ୍ଷରୁ ତନଖି କରାଯାଉନାହିଁ। ଫଳରେ ବାଲିମାଫିଆମାନେ କୋଟି କୋଟି ଟଙ୍କାର ବାଲି ବିକ୍ରି କରି ସରକାରଙ୍କୁ ରାଜସ୍ୱ ଠକୁଛନ୍ତି। ଜନସାଧାରଣଙ୍କଠାରୁ ଉନ୍ନତମାନର ବାଲି ଦେବେ ବୋଲି କହି ନିମ୍ନମାନର ବାଲିକୁ ଉଚ୍ଚା ରେଟ୍‌ରେ ବିକ୍ରି କରି ମାଲାମାଲ୍ ହେଉଥିବାବେଳେ ପ୍ରଶାସନ କାହିଁକି ଏହା ଉପରେ ଚଢ଼ଉ କରୁନାହିଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସନ୍ଧ୍ୟାରୁ ବାଲିଘାଟ ବନ୍ଦ ପାଇଁ ନିର୍ଦ୍ଦେଶ ଥିଲାବେଳେ ରାତିରେ ଶିଖର ଘାଟରୁ ବାଲି ଚାଲାଣ ହେଉଛି। ଫଳରେ ପ୍ରଶାସନକୁ ବାଲିମାଫିଆ ଖୋଲା ଚାଲେଞ୍ଜ ଦେଇ ନିର୍ଭୟରେ ଓଦା ବାଲିଗୁଡ଼ିକୁ ବାହାରକୁ ଚାଲାଣ କରୁଛନ୍ତି।

## ସାକ୍ଷୀଗୋପାଳ ମନ୍ଦିରର ୯ ଜଣିଆ ଟ୍ରଷ୍ଟ ବୋର୍ଡ ଗଠିତ

ସାକ୍ଷୀଗୋପାଳ, ୯।୨(ସମିସ): ସାକ୍ଷୀଗୋପାଳ ମନ୍ଦିରରେ ସମସ୍ତ ପ୍ରଶାସନିକ କାର୍ଯ୍ୟ ଶୃଙ୍ଖଳିତ କରିବା ପାଇଁ ୯ ଜଣିଆ ମଧ୍ୟବର୍ତ୍ତୀକାଳୀନ ପରିଚାଳନା ପରିଷଦ ଗଠନ କରାଯାଇଛି। ଦେବୋତ୍ତର ଆୟୋଗ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ରିପୋର୍ଟ ଅନୁଯାୟୀ ଦେବୋତ୍ତର କମିଶନର ୯ ଜଣ ସଦସ୍ୟଙ୍କୁ ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟ ବୋର୍ଡର ସଦସ୍ୟ ଭାବରେ ୧ ବର୍ଷ କିମ୍ବା ନିୟମିତ ଭାବେ ଏକ ଯୋଜନା ଟ୍ରଷ୍ଟ ବୋର୍ଡ ଗଠନ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସତ୍ୟବାଦୀ ତହସିଲ୍‌ଦାର, ସତ୍ୟବାଦୀ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ, ସତ୍ୟବାଦୀ ଆଇଆଇସି, ସାକ୍ଷୀଗୋପାଳ ପ୍ରାଣୀ ଚିକିତ୍ସକ, ଡେପୁଟି ଡାଇରେକ୍ଟର ଉଦ୍ୟାନ କୃଷି ବିଭାଗ ସତ୍ୟବାଦୀ, ପୁରାଣ ପଣ୍ଡିତ ଏବଂ ପୁରୋହିତ ସେବକ ବାଳକୃଷ୍ଣ ମହାପାତ୍ର, ସିଂହାରି ସେବକ ଉମେଶ ଚନ୍ଦ୍ର ନନ୍ଦ, ବୁଦ୍ଧିଜୀବୀ ଲୋକନାଥ ବାରିକ ଓ କବିରାଜ ଦଳାଇ ପ୍ରମୁଖ ଏହି ବୋର୍ଡରେ ସ୍ଥାନ ପାଇଛନ୍ତି। ଖୁବ୍‌ଶୀଘ୍ର ନୂତନ ଟ୍ରଷ୍ଟ ବୋର୍ଡ ବୈଠକର ନିଷ୍ପତ୍ତି ଅନୁଯାୟୀ, ଅନ୍ତରୀଣ ପରିଚାଳନା ଟ୍ରଷ୍ଟି ନିର୍ବାଚିତ କରାଯିବ ବୋଲି ସାକ୍ଷୀଗୋପାଳ ମନ୍ଦିର ପ୍ରଶାସକ ତଥା ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

କୃଷ୍ଣପ୍ରସାଦରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

## ୮୪ ଅଭିଯୋଗରୁ ୧୭ଟିର ତୁରନ୍ତ ଫଇସଲା




କୃଷ୍ଣପ୍ରସାଦ, ୯।୨(ସମିସ): ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଏସ୍‌ପି ପ୍ରତୀକ୍ ସିଂହ, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଡିଏସ୍‌ପି ସୁଶାନ୍ତ କୁମାର ସାହୁ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ତହସିଲ୍‌ଦାର ବିକାଶ ସେଠୀ, ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନ, ବ୍ଲକ୍ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନବ କିଶୋର କର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ନମିତା ଚାନ୍ଦ ନାୟକ, ସିଡିପିଓ ମନୋରମା ମହାପାତ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ମନୋରଞ୍ଜନ ସାହୁ, ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ହିମାଂଶୁ ଶେଖର ମାନ୍ଧାତା, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତି ପ୍ରକାଶ ସାମଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଗୁମାନସିଂହ, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ବିଆର୍‌ସିସି ସିଦ୍ଧେଶ୍ୱର କରଣ, ନୂଆପଡ଼ା ରେଞ୍ଜର ସୂର୍ଯ୍ୟକାନ୍ତ ମହାରଣା, ସାତପଡ଼ା ରେଞ୍ଜର ରଞ୍ଜନ କୁମାର ବେହେରା, ଅରଖକୁଦା ସାମୁଦ୍ରିକ ଥାନା ଅଧିକାରୀ ନିରଞ୍ଜନ ବେହେରା, କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁ, ମାଲୁଦ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ନାହାକ, ପ୍ରଶାନ୍ତ ଦାସଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୁଭଦ୍ରା ଯୋଜନା, ଷ୍ଟ୍ରିଟ୍ ଲାଇଟ୍, ରାସନ କାର୍ଡ, ବିଦ୍ୟୁତ୍, ଶିକ୍ଷା, ଭତ୍ତା ଆଦି ମୋଟ୍ ୮୪ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ବ୍ଲକ୍ ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, ମୁଖ୍ୟ କିରାଣି ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ବରିଷ୍ଠ ରାଜସ୍ୱ କିରାଣି ଜିତେନ୍ଦ୍ର ପାତ୍ର, ରାଜସ୍ୱ ସହାୟକ କାଶୀମ ମହମ୍ମଦ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ଅମୀୟ ପଣ୍ଡା ପ୍ରମୁଖ ଶୁଣାଣିରେ ଜିଲ୍ଲା ପ୍ରଶାସନକୁ ସହଯୋଗ କରିଥିଲେ। କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣି ତା'ର ଉପଯୁକ୍ତ ବିଚାର କରିବା ସହ ତତ୍କାଳ ସମାଧାନ ଲାଗି ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ବୀଣାପାଣି ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ଚାରିଛକ, ୯।୨(ସମିସ): ଚାରିଛକ ନିକଟସ୍ଥ କଳାପାଞ୍ଚଣ ପଞ୍ଚାୟତରେ ଥିବା ବୀଣାପାଣି ଶିଶୁମନ୍ଦିରର ତ୍ରୟୋବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ବ୍ଲକ୍ ସହ ଶିକ୍ଷା ଅଧିକାରୀ ସୁଦର୍ଶନ ଭୋଇ, ମୁଖ୍ୟବକ୍ତା ସିଆର୍‌ସିସି ଭୋଦରର ମଧୁସୂଦନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଠାକୁରପାଟଣା ରତ୍ନପୀଠ ବିଦ୍ୟାନିକେତନର ପ୍ରଧାନଶିକ୍ଷକ ଧରଣୀଧର ନାୟକ, କଳାପାଞ୍ଚଣ ପଞ୍ଚାୟତର ସମିତିସଭ୍ୟା ସସ୍ମିତା ପାତ୍ର, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, ପୂର୍ବତନ ଶିକ୍ଷକ ନୃସିଂହ ଚରଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଝାଟୁ ମହାରଣା, ଭୋଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃପାସିନ୍ଧୁ ସ ଯୋଗଦେଇ ସଭା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ସଭାରେ ମାଧବାନନ୍ଦଜୀଉ ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ସାହୁ ସଭାପତିତ୍ୱ କରିବା ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଲିଙ୍ଗରାଜ ସାହୁ, ପ୍ରଧାନଆଚାର୍ଯ୍ୟ ପୀତବାସ ଶତପଥୀଙ୍କ ସହିତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ, ଅଭିଭାବକ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ। କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗଡ଼ିଶାଗୋଦା ଥାନାରେ ନୂତନ ଅଧିକାରୀ



କଣାସ, ୯।୨(ସମିସ): ଗଡ଼ିଶାଗୋଦା ଥାନାଧିକାରୀ ସୁଧୀର କୁମାର ଦାସଙ୍କୁ ପୁରୀ ଟ୍ରାଫିକ୍ ଥାନାକୁ ବଦଳି ହେଲା ପରେ ପୁରୀ ହେଡ୍‌କ୍ୱାର୍ଟରରେ କାର୍ଯ୍ୟ କରୁଥିବା ସାନ୍ତନୁ କୁମାର ପ୍ରଧାନ ଗଡ଼ିଶାଗୋଦା ଥାନାରେ ନୂତନ ଅଧିକାରୀ ଭାବେ ସୋମବାର ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଞ୍ଚଳର ଆଇନ ଶୃଙ୍ଖଳା ପ୍ରତି ଦୃଷ୍ଟି ଦେଇ ଦୃଢ଼ କରିବା ସହିତ ଅସହାୟ, ଗରିବ, ନିରୀହ ଜନସାଧାରଣ କିଭଳି ଥାନାରୁ ନ୍ୟାୟ ପାଇବେ ସେ ଦିଗରେ ଗୁରୁତ୍ୱ ଦେବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ୨୦୦୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



କଣାସ, ୯।୨(ସମିସ): କଣାସ ବ୍ଲକ୍ ତ୍ରିଲୋଚନପୁର ଗ୍ରାମପଞ୍ଚାୟତରେ ପ୍ରତିଷ୍ଠିତ ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟର ୨୦୦୩ ବ୍ୟାଚ୍ ମ୍ୟାଟ୍ରିକ୍ ଛାତ୍ରଛାତ୍ରୀଙ୍କର ବନ୍ଧୁ ମିଳନ ସୋମବାର ବଡ଼ସାନପୁଟରେ ପ୍ରତିଷ୍ଠିତ ମା' ଜାଗୁଳେଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁ ମିଳନ ଉତ୍ସବରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ବିଦ୍ୟାଳୟ ଛାଡ଼ିବାଠାରୁ ଆଜି ପର୍ଯ୍ୟନ୍ତ ୨୩ ବର୍ଷ ଧରି ନିଜର କର୍ମମୟ ଜୀବନ ସମ୍ପର୍କରେ ପ୍ରତ୍ୟେକ ଛାତ୍ରଛାତ୍ରୀ ବକ୍ତବ୍ୟ ରଖିଥିଲେ। ପ୍ରତିବର୍ଷ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା।

# ପ୍ରାଚୀ ନଦୀର ପୁନରୁଦ୍ଧାର ଓ ଗୌରବ ଫେରାଇ ଆଣିବାକୁ ପ୍ରୟାସ

ଚାରିଛକ/କୁଣ୍ଡେଇ, ୯।୨(ସମିସ)



ପ୍ରାଚୀ ନଦୀ ପୁନରୁଦ୍ଧାର ଓ ତା'ର ପ୍ରାଚୀନ ଗୌରବ ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରହିଛି। ଗତ ଶନିବାର ଅପରାହ୍ଣଠାରୁ ପ୍ରାଚୀ ନଦୀ ପରିକ୍ରମା ଏକ ସପ୍ତାହ ଧରି ଅନୁଷ୍ଠିତ ହେଉଛି। କଟକ ଜିଲ୍ଲା ନିଆଳି ବ୍ଲକ୍ ଅନ୍ଧକପିଳେଶ୍ୱର ଶୈବପୀଠ ପ୍ରାଚୀ ନଦୀରୁ ପୂଜାର୍ଚ୍ଚନା ପରେ ପ୍ରାଚୀ ନଦୀ ପରିକ୍ରମା ଆରମ୍ଭ ହୋଇଛି। ଏଥିରେ ବହୁ ସାଧୁସନ୍ଥ ଓ ବୁଦ୍ଧିଜୀବୀ ଯୋଗଦେଇଛନ୍ତି। ପ୍ରାଚୀ ନଦୀ ପରିକ୍ରମା କେଲୁଣି ମୁହାଣ ଅସ୍ତରଙ୍ଗ ନିକଟରେ ପହଞ୍ଚିବ। ପ୍ରାଚୀ ଶୁଖିଲେ ସମାଜ ଶୁଖିଯିବ। ତେଣୁ ଏବେଠୁ ସଜାଗ ହେବାକୁ ପଡ଼ିବ ନ ହେଲେ ରୋଗଗ୍ରସ୍ତ ହୋଇ ସମସ୍ତେ ମୃତ୍ୟୁ ମୁଖରେ ପଡ଼ିବେ। ପ୍ରାଚୀ ଗବେଷକ ହଂସନାଥ ସାହୁ କହିଛନ୍ତି, ପ୍ରଥମେ ୨୦୧୨ରେ ପ୍ରାଚୀ ଚାରିଟେବୁଲ ଟ୍ରଷ୍ଟ ନାଁରେ ନୂଆହାଟ ମଧୁବନ ଆଶ୍ରମ ଗଠନ କରାଯାଇଥିଲା। ପ୍ରଜ୍ଞାନାନନ୍ଦଙ୍କ ତତ୍ତ୍ୱାବଧାନରେ ୧୫ ବର୍ଷ ଧରି ପ୍ରାଚୀ ପରିକ୍ରମା କରାଯାଉଛି। ପ୍ରାଚୀ ନଦୀର କିପରି ପୁନରୁଦ୍ଧାର ହେବ ପ୍ରାଚୀର ଇତିହାସ କାଭଳି ଫେରିପାଇବ ଏଥିପାଇଁ ସମସ୍ତେ ଚିନ୍ତିତ।

ପଦଯାତ୍ରୀମାନେ ଗୋକର୍ଣ୍ଣେଶ୍ୱର ମନ୍ଦିର ଦେଇ ନିଆଳି ନୂଆଗାଁ ରାଧାକାନ୍ତ ମଠଠାରେ ରାତ୍ରୀଯାପନ କରିଥିଲେ। ଶନିବାର ସକାଳୁ ସେଠାରୁ ପଦଯାତ୍ରା ବାହାରି ଶୋଭନେଶ୍ୱର ଶିବ ମନ୍ଦିର, ବାବା ଆର୍ତ୍ତତ୍ରାଣ ଗାଦି, ମୁସିବାବା ମଠ, ଜଲ୍ଲାରପୁର ସୋମନାଥ ଶିବ ମନ୍ଦିର, ଟୋଲା ରାମେଶ୍ୱର ଶିବ ମନ୍ଦିର ଦେଇ ମାଧବ ଗ୍ରାମର ମାଧବାନନ୍ଦଜୀଉଙ୍କ ପୀଠରେ ପଦଯାତ୍ରୀମାନେ ରାତ୍ରୀଯାପନ କରିଥିଲେ। ଏହି ପଦଯାତ୍ରାରେ ବହୁ ଗବେଷକ, ଐତିହାସିକ, ପରିବେଶପ୍ରେମୀ ଏବଂ ପ୍ରାଚୀ ଉପତ୍ୟକାର ବିଭିନ୍ନ ମଠ ମନ୍ଦିରର ବାବାଜୀମାନେ ଯୋଗଦେଇଛନ୍ତି। ପଦଯାତ୍ରୀମାନଙ୍କୁ ପ୍ରାଚୀ କୂଳର ଗ୍ରାମବାସୀମାନେ ବିଭିନ୍ନ ସ୍ଥାନରେ ଫୁଲମାଳ ସହିତ ହରିବୋଲ, ହୁଳହୁଳି ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ପଣା, ପଇଡ଼ ପ୍ରଦାନ କରୁଛନ୍ତି। ସୋମବାର ସକାଳୁ ପଦଯାତ୍ରୀମାନେ ଦେଉଳି ମଠଠାରେ ପହଞ୍ଚି ବିଶ୍ରାମ ନେବା ସହିତ ସନ୍ଧ୍ୟାରେ ପ୍ରାଚୀ ନଦୀରେ ସନ୍ଧ୍ୟା ଆଳତି ସାରିବା ପରେ ପ୍ରାଚୀ ନଦୀର ଐତିହ୍ୟ ସମ୍ପର୍କରେ ପ୍ରବଚନ ସହିତ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ପ୍ରଜ୍ଞାନାନନ୍ଦ ମହାରାଜାଙ୍କ ସହିତ ବିଭିନ୍ନ ମଠର ମହନ୍ତ ଓ ବାବାଜୀମାନେ ସାମିଲ କ୍ରିୟାଯୋଗ ଆଶ୍ରମର ସାଧୁ, ବ୍ରହ୍ମଚାରୀଙ୍କ ସହିତ ଅନେକ ବିଦେଶୀ ଭକ୍ତ ମଧ୍ୟ ପଦଯାତ୍ରାରେ ସାମିଲ୍ ହୋଇଥିବା ଦେଖିବାକୁ ମିଳିଛି। ଉକ୍ତ ପ୍ରାଚୀ ପରିକ୍ରମା ପଦଯାତ୍ରା ଆସନ୍ତା ଶୁକ୍ରବାର ପଙ୍କୋଦ୍ଧାର ଏକାଦଶୀ ଦିନ ଅନ୍ଧକପିଳେଶ୍ୱର ମନ୍ଦିରରେ ପୂର୍ଣ୍ଣାହୁତି ଦିଆଯାଇ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ପୁରୀ ଜିଲ୍ଲା ପରିକ୍ରମା ସମୟରେ ପଦଯାତ୍ରୀମାନଙ୍କର ରହଣୀ ବ୍ୟବସ୍ଥା, ପାନୀୟଜଳ, ଶୌଚାଳୟ, ଆଲୋକ ବ୍ୟବସ୍ଥା ପାଇଁ ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟ ସଂଯୋଜକ ପ୍ରିୟବ୍ରତ କର, ରାଜକିଶୋର ନନ୍ଦଙ୍କ ତତ୍ତ୍ୱାବଧାନରେ ସୁଚାରୁ ରୂପେ ପରିକ୍ରମା କାର୍ଯ୍ୟ ପରିଚାଳନା କରାଯାଇଛି।

ସେହିପରି ସୋମବାର ଆରମ୍ଭ ହେଉଥିବା ପାଞ୍ଚରାତ୍ର ମହୋତ୍ସବ ପ୍ରବଚନ କାର୍ଯ୍ୟକ୍ରମ ପ୍ରଜ୍ଞାନାନନ୍ଦ ମହାରାଜା ଉଦ୍‌ଘାଟନ କରିଥିଲେ। ପ୍ରାଚୀ ପରିକ୍ରମା ଏବଂ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ସମୟରେ ଆଇନ ଶୃଙ୍ଖଳା ଓ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି କାକଟପୁର ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

ସକାଳ THE SAKALA



# ଗୁଟଖା, ଖଇନି ବେପାରର କିଙ୍ଗପିନ୍ କମଳ ସାହୁ

ନୟାଗଡ଼, ୯ ।୨(ସମିସ)





ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶରେ ଚାଲିଥିବା ଗୁଟଖା ଚଢ଼ଉରେ ପୁଲିସକୁ ସୋମବାର ବଡ଼ ସଫଳତା ମିଳିଛି। ଜେଲରେ ଥିବା ଅଭିଯୁକ୍ତ କମଳ ସାହୁର ୩ଟି ଗୁଟଖା ବୋଝେଇ ଗାଡ଼ିକୁ ପୁଲିସ ଜବତ କରିଛି। ଏହି ଗାଡ଼ିଗୁଡ଼ିକ ମଧ୍ୟରେ ଦୁଇଟି ପିକ୍‌ଅପ୍ ଭ୍ୟାନ ଏବଂ ଗୋଟିଏ ଆଇଚର ରହିଛି। ଏହି ଗାଡ଼ିଗୁଡ଼ିକରେ ବିପୁଳ ପରିମାଣ ଗୁଟଖା ବୋଝେଇ କରାଯାଇ ବାହାରକୁ ଚାଲାଣ ପାଇଁ ରଖାଯାଇଥିଲା। ଖବର ପାଇ ନୟାଗଡ଼ ସଦରଥାନା ପୁଲିସ ଖୁଣ୍ଟୁବନ୍ଧ ଗ୍ରାମ ନାରାୟଣୀ ମନ୍ଦିର ନିକଟରୁ ଦୁଇଟି ପିକ୍‌ଅପ୍ ଭ୍ୟାନ ଜବତ କରିଥିବା ବେଳେ ଏକ ଫାର୍ମ ହାଉସରୁ ଆଇଚର ଗାଡ଼ି ଜବତ କରିଛି। ଏ ନେଇ ଥାନାରେ ଆଉ ଏକ ମାମଲା ରୁଜୁ ହୋଇଛି। ନୟାଗଡ଼ ଅତିରିକ୍ତ ଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି।

ବେଆଇନ ଗୁଟଖା କାରବାର ରୋକିବାକୁ ଏକ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମରେ ଟାଉନଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ, ସଦରଥାନା ଅଧିକାରୀ ପ୍ରିୟତମା ପ୍ରଧାନ, ଇଟାମାଟି ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ପ୍ରମୁଖ ରହିଥିଲେ। ଅତିରିକ୍ତ ଏସ୍‌ପିଙ୍କ ସୂଚନାନୁସାରେ ପ୍ରଥମେ ଇଟାମାଟି ଥାନା ପୁଲିସ ଗୋଟିଏ ପିକ୍‌ଅପ୍ ଭ୍ୟାନ ଜବତ କରିବା ସହ କମଳ ସାହୁର ଭାଇ ପ୍ରକାଶ ସାହୁ ଏବଂ ତା'ର ଦୁଇ ସହଯୋଗୀ ଶ୍ରୀକାନ୍ତ ମହାପାତ୍ର ଓ ବିପିନ ବିହାରୀ ସ୍ୱାଇଁଙ୍କୁ ଗିରଫ କରିଥିଲା। ଏହି ଗୁଟଖା କାରବାରରେ କମଳଙ୍କ ଲିଙ୍କ୍ ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ବାଲୁଗାଁ ଅଞ୍ଚଳରେ ପୁଲିସ ଚଢ଼ଉ କରି ଗୁଟଖା ଜବତ କରିବା ସହ ଗୋବିନ୍ଦ ସାହୁ ଓ ଭଗବାନ ସାହୁଙ୍କୁ ଗିରଫ କରିଥିଲା। ସେମାନେ କମଳ ଓ ପ୍ରକାଶ ସହ ମିଶି ବେପାର କରୁଥିବାରୁ ଉଭୟଙ୍କୁ ଉକ୍ତ ମାମଲାରେ ଅଭିଯୁକ୍ତ ଦର୍ଶାଯାଇଛି। ସେହିଭଳି ଗତକାଲି ଟାଉନଥାନା ପୁଲିସ ଖଣ୍ଡପଡ଼ା ରାସ୍ତା ମିଶ୍ର ଲେନ୍ ସାମ୍ନାରେ ଥିବା ସନ୍ତୋଷ ସାହୁଙ୍କ ଗୋଦାମରେ ଚଢ଼ଉ କରି ଖଇନି ଓ ଗୁଟଖା ଜବତ କରିଥିବା ବେଳେ ସନ୍ତୋଷଙ୍କୁ ଗିରଫ କରିଛି। ସୋମବାର ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଁ ୨ ପିକ୍‌ଅପ୍ ଭ୍ୟାନ ଓ ଆଇଚର ଗାଡ଼ି ଜବତ କରିଛି। ଏହାକୁ ନେଇ ସଦରଥାନାରେ କମଳ ସାହୁ ନାମରେ ଦ୍ୱିତୀୟ ମାମଲା ରୁଜୁ ହୋଇଛି। ନୟାଗଡ଼ ଓ ଆଖପାଖ ଜିଲ୍ଲାରେ ବେଆଇନ ଭାବେ ଗୁଟଖା କାରବାର କମଳ ସାହୁ ଚଳାଇ ଆସୁଥିବା ପୁଲିସ ସୂଚନା ଦେଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ କମଳ ଖଇନି, ଗୁଟଖା, ଜର୍ଦ୍ଦା ଆଣି ବ୍ୟବସାୟ କରୁଥିଲେ। କମଳଙ୍କ ଚେର ରାୟପୁରରୁ ନୟାଗଡ଼ ଯାଏଁ ଲମ୍ବିଥିବା ପୁଲିସ କହିଛି। ପୁଲିସ ଉକ୍ତ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଏପର୍ଯ୍ୟନ୍ତ ଜବତ ଗୁଟଖା, ଗାଡ଼ିର ମୂଲ୍ୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୁଲିସ କହିଛି।

- ରାୟପୁରରୁ ନୟାଗଡ଼ ଯାଏଁ ଲମ୍ବିଛି ଚେର୍
- ଜିଲ୍ଲା ଓ ଜିଲ୍ଲା ବାହାରେ ଚାଲିଥିଲା କାରବାର
- ଗୁଟଖା ବୋଝେଇ ୨ ପିକ୍‌ଅପ୍, ଆଇଚର ଜବତ

## ୨ ନମ୍ବର ୱାର୍ଡରେ କମଳ, ୭ରେ ପ୍ରକାଶ

ନୟାଗଡ଼ ଜିଲ୍ଲାରେ ବେନାମୀ ଗୁଟଖା ବ୍ୟବସାୟର ମୁଖ୍ୟ କାର୍ପଟଦାର କମଳ ସାହୁଙ୍କୁ ଖୁଣ୍ଟୁବନ୍ଧ କାରାଗାର ୨ ନମ୍ବର ୱାର୍ଡରେ ରଖାଯାଇଛି। ତାଙ୍କ ଭାଇ ପ୍ରକାଶ ସାହୁଙ୍କୁ ୭ ନମ୍ବର ୱାର୍ଡରେ ରଖାଯାଇଥିବା ସୂଚନା ମିଳିଛି। ବେଆଇନ ଭାବେ ଦୀର୍ଘବର୍ଷ ଧରି ଗୁଟଖା ବ୍ୟବସାୟ କରି ଆସୁଥିବା ଦୁଇଭାଇ ବିଳାସମୟ ଜୀବନ ବିତାଉଥିବା ବେଳେ ଏବେ ଜେଲ ଚାରିକାନ୍ଥ ଭିତରେ ସମୟ କାଟୁଛନ୍ତି। ଅର୍ଥ ଓ ବାହୁବଳ ଦେଖାଇ ଦୀର୍ଘଦିନ ଧରି ବେଆଇନ କାରବାର ଚଳାଇ ଆସୁଥିବା ଉଭୟ କାର୍ପଟଦାରଙ୍କୁ ପୁଲିସ ଗିରଫ କରିବା ଏକ ବଡ଼ ସଫଳତା ବୋଲି କୁହାଯାଉଛି।

## ବ୍ୟବହୃତ ଥାର୍ ଓ ଫର୍ଚୁନର ଜବତ କେବେ?

ନୟାଗଡ଼ ଜିଲ୍ଲାର ଗୁଟଖା ମାଫିଆ କମଳ ସାହୁ ନିଜ ବ୍ୟବସାୟ ପାଇଁ ଏକ ଥାର୍ ଏବଂ ଫର୍ଚୁନର କାର୍ ବ୍ୟବହାର କରୁଥିଲେ। ଏହି ଦୁଇ ଗାଡ଼ିକୁ ପୁଲିସ କେବେ ଜବତ କରିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ବେଆଇନ ଗୁଟଖା କାରବାର କରି କୋଟି କୋଟି ଟଙ୍କା ସମ୍ପତ୍ତିର ମାଲିକ କମଳ ଗିରଫ ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ସେ ନିର୍ଦ୍ଦିଷ୍ଟ ଭାବେ ଏକ ରାଜନୈତିକ ଦଳକୁ ସମର୍ଥନ କରୁଥିଲେ। ଯାହା ତାଙ୍କ ପାଇଁ ମହଙ୍ଗା ପଡ଼ିଲା ବୋଲି ଆଲୋଚନା ହେଉଛି। କମଳଙ୍କଠାରୁ ମାସିକିଆ ଚାନ୍ଦା ନେଇ କିଛି ଯୁବନେତା ନିଜ ପ୍ରାଧାନ୍ୟ ବିସ୍ତାର କରି ଆସୁଥିଲେ ବୋଲି ପୁଲିସ ସୁରାକ ପାଇଛି। ଯାହାର ଖୋଳତାଡ଼ ହେବା ସମ୍ଭାବନା ସୃଷ୍ଟି ହୋଇଛି। ମାସକୁ ଉକ୍ତ ଯୁବଗୋଷ୍ଠୀ ୨ ଲକ୍ଷ ଟଙ୍କା ନେଉଥିଲେ ବୋଲି ସୂଚନା ମିଳିଛି।

**ମହଙ୍ଗା ପଡ଼ିଲା କି ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସମର୍ଥନ**

## ନୂଆଗାଁରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର





ନୂଆଗାଁ, ୯ ।୨(ସମିସ): ନୂଆଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୭୪ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ୬୧ ଗୋଟି ବ୍ୟକ୍ତିଗତ, ୩ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କିତ ଏବଂ ୧୦ଟି ସାମୂହିକ ଅଭିଯୋଗ ରହିଥିଲା। ୩୪ ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଅବଶିଷ୍ଟ ମାମଲାଗୁଡ଼ିକ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ଡ. ଅମୃତ କୁମାର ରାଉଳ, ତହସିଲଦାର ହେମନ୍ତ କୁମାର ନାୟକଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ତଥା ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ସାଇବାବାଙ୍କ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ



ନୟାଗଡ଼, ୯ ।୨(ସମିସ): ନୟାଗଡ଼ ନିକଟ ତୁଳସୀପୁର ସାଇବାବାଙ୍କ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଶନିବାର ଅଙ୍କୁରାରୋପଣ, ରବିବାର କଳସ ଯାତ୍ରା କରାଯାଇଥିଲା। ହାଟଦ୍ୱାର ନିକଟ ଡାହୁକା ନଦୀରୁ ଦେଢ଼ଶହରୁ ଅଧିକ ମହିଳା ପୁରୁଷ କଳସ ଶୋଭାଯାତ୍ରାରେ ଆସି କଳସ ସ୍ଥାପନ କରିବା ପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞରେ କିଶୋର ଚନ୍ଦ୍ର ସାହୁ ଏବଂ ତାଙ୍କ ପତ୍ନୀ ଶାରଦା ସାହୁ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ବରିଷ୍ଠ ବିଜେଡି ନେତ୍ରୀ ଇରାନୀ ରାୟଙ୍କ ସମେତ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲାପାଳ ମଧୁମିତା ରଥ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଜ୍ୟୋତିରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀକାନ୍ତ ଖଟେଇ, ବୈଦ୍ୟଭୂଷଣ ମହାପାତ୍ର, ପ୍ରଦୀପ ସାହୁ, ଶିବପ୍ରସାଦ ପ୍ରଧାନ, ସତ୍ୟବ୍ରତ ଦାସ, ବିମଳେନ୍ଦୁ ପଟ୍ଟନାୟକଙ୍କ ସମେତ ମନ୍ଦିର କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବାର୍‌ହା ଆକ୍ରମଣରେ ଦମକଳ କର୍ମଚାରୀ ଗୁରୁତର

ରଣପୁର, ୯ ।୨(ସମିସ): ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ନୟାଗଡ଼ ଜିଲ୍ଲା ରଣପୁର ବନବିଭାଗ ଅଧୀନସ୍ଥ ଚାନ୍ଦପୁର ଅରୁଣ କ୍ଲଥ ଷ୍ଟୋର ପରିସରରେ ବାରହା ଆକ୍ରମଣରେ ଜଣେ ଦମକଳ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସୋମବାର ସକାଳେ ଅରୁଣ କ୍ଲଥଷ୍ଟୋର ମାଲିକ ଦୋକାନ ଖୋଲିବା ସମୟରେ ବାର୍‌ହା ଦୋକାନ ଭିତରକୁ ପଶିଯାଇଥିଲା। ଫଳରେ ମାଲିକ ଦୋକାନ ବନ୍ଦ କରି ବନ ବିଭାଗକୁ ଖବର ଦେଇଥିଲେ। ତେବେ ସେଠାରେ ଉପସ୍ଥିତ ଟାଙ୍ଗୀ ଦମକଳ କେନ୍ଦ୍ରର ଜଣେ କର୍ମଚାରୀ ବାର୍‌ହାକୁ କାବୁ କରିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ପରେ ବାର୍‌ହା ସେଠାରୁ ଖସିଯାଇ ହୋଟେଲ ତୃପ୍ତି ନିକଟ ଫଳ ଦୋକାନରେ ପଶିଥିଲା। ପରେ ବନ ବିଭାଗ କର୍ମଚାରୀ ପହଞ୍ଚି ବାର୍‌ହାକୁ କାବୁ କରିବା ସହ ଜଙ୍ଗଲରେ ଛାଡ଼ିଛନ୍ତି।

## ଶିକ୍ଷକ ପ୍ରଶିକ୍ଷଣ ଶିବିର 'ପ୍ରବୋଧନ' ଉଦଯାପିତ



ଖଣ୍ଡପଡ଼ା, ୯ ।୨(ସମିସ): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୫ ଦିନିଆ ଶିକ୍ଷକ ପ୍ରଶିକ୍ଷଣ ଶିବିର 'ପ୍ରବୋଧନ' ସୋମବାର ଉଦଯାପିତ ହୋଇଛି। ଏହି ଶିବିରରେ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଓ ନୂତନ ଶିକ୍ଷଣ ଶୈଳୀ ଉପରେ ଗୁରୁତ୍ୱାରୋପ କରାଯାଇଛି। ଶିବିରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୮୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଦକ୍ଷ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ଓ ସତ୍ୟବାଦୀ ବିଶ୍ୱାଳ ପ୍ରଶିକ୍ଷକ ଭାବେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶିକ୍ଷାଦାନର ଆଧୁନିକ କୌଶଳ ଓ ଶିକ୍ଷାର୍ଥୀଙ୍କ ବୌଦ୍ଧିକ ବିକାଶ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ।

## ୬ ଘରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି



ଖଣ୍ଡପଡ଼ା/ଭାପୁର, ୯ ।୨ (ସମିସ): ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତ ବସନ୍ତପୁର ଗ୍ରାମର ୬ଟି ଘରୁ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ସମେତ ନଗଦ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି। ପୁଲିସ ସାଇଣ୍ଟିଫିକ ଦଳ ଓ ସନ୍ଧାନୀ କୁକୁର ସହାୟତାରେ ଖୋଳତାଡ଼ ଆରମ୍ଭ କରିଛି। ଲୁଟେରାମାନେ ଗ୍ରାମର ଗୋବର୍ଦ୍ଧନ ସାହୁ, ସପନୀ ଦାଶ, ବିଦ୍ୟାଧର ବେହେରା, କୁଳମଣି ବେହେରା, ବୈଷ୍ଣବ ସାହୁ ଓ ସନ୍ତୋଷ ସାହୁଙ୍କ ଘରେ ପଶି ସୁନା, ରୁପା ଅଳଙ୍କାର ସହ ଟଙ୍କା ଲୁଟିନେଇଥିବା ଜଣାଯାଇଛି। ଏହି ଚୋରି ଘଟଣା ପଛରେ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକଙ୍କ ହାତଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ଗଣିଆ, ୯ ।୨(ସମିସ): ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ କାଦୁଆ ଆମ୍ବତୋଟାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଗ୍ରାମର ବିନୋଦ ମହାନ୍ତିଙ୍କ ପୁଅ ସତ୍ୟାନନ୍ଦ ମହାନ୍ତି। ସତ୍ୟାନନ୍ଦ ଭୁବନେଶ୍ୱରରେ ରହୁଥିଲେ। ଦୁଇଦିନ ହେବ ସେ ଗାଁକୁ ଆସିଥିଲେ। ତେବେ ସୋମବାର ଅପରାହ୍ନରେ ଏକ ଆମ୍ବ ଗଛରେ ସେ ପ୍ଲାଷ୍ଟିକ ରଶି ସାହାଯ୍ୟରେ ଝୁଲୁଥିବା ଦେଖି ଗ୍ରାମବାସୀ ଗଣିଆ ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ମୃତ୍ୟୁ ପୂର୍ବରୁ ସତ୍ୟାନନ୍ଦ ଏକ ଭିଡିଓ ଜାରିକରି ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହେଁ ବୋଲି କହିଛନ୍ତି। ତେଣୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ରହସ୍ୟ ଉନ୍ମୋଚନ ହେବ ବୋଲି ପୁଲିସ କହିଛି।

## ହତ୍ୟାକାରୀ ସ୍ୱାମୀ କୋର୍ଟ ଚାଲାଣ

ଭାପୁର, ୯ ।୨(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଗୋହିରିଆପଡ଼ା ଗ୍ରାମରେ ୨୦୨୫ ଜୁନରେ ମହିଳାଙ୍କୁ ହତ୍ୟା ଘଟଣାରେ ପୁଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଶିବପ୍ରସାଦ ନାୟକ। ଶିବପ୍ରସାଦ ତାଙ୍କ ସ୍ତ୍ରୀ ଅମୁଲି ନାୟକଙ୍କ ଚରିତ୍ରକୁ ସନ୍ଦେହ କରି ହତ୍ୟା କରିବା ପରେ ସେବେଠାରୁ ଫେରାର ହୋଇଯାଇଥିଲେ। ସୋମବାର ପୁଲିସ ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଭାପୁର ଡାକ୍ତରଖାନାରେ ତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇ କୋର୍ଟ ଚାଲାଣ କରାଯାଇଛି। ଶିବପ୍ରସାଦ ଓ ଅମୁଲିଙ୍କର ଦୁଇ ସନ୍ତାନ ଅଛନ୍ତି।

### ଜମିବାଡ଼ି ବିବାଦରୁ ମରଣାନ୍ତକ ଆକ୍ରମଣ ମାମଲା

## ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଓଡ଼ଗାଁ, ୯ ।୨(ସମିସ)

ପୈତୃକ ଜମି ବିବାଦକୁ କେନ୍ଦ୍ରକରି ସଂଘଟିତ ମରଣାନ୍ତକ ଆକ୍ରମଣ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ମାମଲାରେ ଅନ୍ୟତମ ଫେରାର୍ ଅଭିଯୁକ୍ତ ମାଘବାନ ସାହୁଙ୍କୁ ଓଡ଼ଗାଁ ଅତିରିକ୍ତ ସହକାରୀ ଦୌରାଜଜ୍ ଜନ୍ମେଜୟ ଦାଶ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ ୨୦୨୨ ଜୁଲାଇ ୩୦ ତାରିଖ ଅପରାହ୍ନରେ ଓଡ଼ଗାଁ ଥାନା ଗୋଡ଼ିପଡ଼ା ନୂଆ ଟାଙ୍ଗିସାହିରେ ଜମିବାଡ଼ି ବିବାଦକୁ ନେଇ ଆର୍ତ୍ତବନ୍ଧୁ ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ସୁରେନ୍ଦ୍ର ସାହୁ, ଶରତ ଚନ୍ଦ୍ର ସାହୁ ଓ ମାଘବାନ ସାହୁ ସଂଘବଦ୍ଧ ହୋଇ ଧଡ଼ା, ଲୁହାଛଡ଼ ଓ ଶାବଳରେ ଆକ୍ରମଣ କରିଥିଲେ। ଏଥିରେ ଆର୍ତ୍ତବନ୍ଧୁ ଗୁରୁତର ଆହତ ହୋଇଥିଲେ। ଆର୍ତ୍ତବନ୍ଧୁଙ୍କ ସ୍ତ୍ରୀ କାଞ୍ଚନ ଦେଇ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ଶରଣକୁଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ କାଞ୍ଚନ ଶରଣକୁଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ୧୫ ସାକ୍ଷୀଙ୍କ ବୟାନ ଆଧାରରେ ଗତ ଜାନୁଆରୀ ୧୬ରେ ସୁରେନ୍ଦ୍ର ଓ ଶରତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରାଯାଇଥିଲା। ଘଟଣା ଦିନରୁ ଫେରାର୍ ଥିବା ମାଘବାନ ସାହୁ ସୋମବାର ଅଦାଲତରେ ହାଜର ହେବା ପରେ ତାଙ୍କୁ ମଧ୍ୟ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସରକାରୀ ଓକିଲ ବଟକୃଷ୍ଣ ମିଶ୍ର ମାମଲା ପରିଚାଳନା କରୁଥିଲେ।

## ମଞ୍ଚସ୍ଥ ହେଲା ନାଟକ 'ନିଜ ନିଜର ଆକାଶ'



ନୟାଗଡ଼, ୯ ।୨(ସମିସ): ସ୍ଥାନୀୟ ପଠାଣି ସାମନ୍ତ ପ୍ରେକ୍ଷାଳୟରେ ନୟାଗଡ଼ର ଅଗ୍ରଣୀ ନାଟ୍ୟାନୁଷ୍ଠାନ ସିରିୟସ୍ ଜୋନ୍ ଦ୍ୱାରା ଆୟୋଜିତ ତୃତୀୟ ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ରବିବାର ମଞ୍ଚସ୍ଥ ହୋଇଛି ସଂସ୍କାରଧର୍ମୀ ନାଟକ 'ନିଜ ନିଜର ଆକାଶ'। କବି ଗୋପୀନାଥ ସେଠୀଙ୍କ ସଂଯୋଜନା ଓ ଅନୁଷ୍ଠାନର ସଭାପତି କିଶାନ୍ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ନାଟ୍ୟଭୂଷଣ ଡ. ବିଜୟ କୁମାର ଚୌଧୁରୀ, ନାଟ୍ୟକାର ବିଶ୍ୱନାଥ ମହାପାତ୍ର ଯୋଗଦେଇ ଓଡ଼ିଆ ନାଟ୍ୟ ଜଗତରେ ନୟାଗଡ଼ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି ବୋଲି ମତ ରଖିଥିଲେ। ନାଟ୍ୟକାର କୈଳାସ ଚନ୍ଦ୍ର ଓଝାଙ୍କ ରଚିତ ଓ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସାମନ୍ତରାୟଙ୍କ ନିର୍ଦ୍ଦେଶିତ ଏହି ନାଟକରେ ରାମ, ଯାମିନୀ, ସୁଦର୍ଶନ, ଆକାଶ, ଶିବାନୀ ଓ ସୋନାଲିଙ୍କ ମନକିଣା ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ନିଜର ଏକମାତ୍ର ପୁଅ ସୋମେଶର ଭବିଷ୍ୟତ ଗଢ଼ିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିବା ବାସୁଦେବ ଅବସର ଗ୍ରହଣ ପରେ ଆର୍ଥିକ ଅନଟନର ସମ୍ମୁଖୀନ ହେଉଥିଲା ବେଳେ ବିଦେଶରେ ରହୁଥିବା ସୋମେଶ ବାପାମାଆଙ୍କୁ ଭୁଲିଯାଇଛି। ଏମିତି ଏକ କାହାଣୀକୁ ନେଇ ଗତିଶୀଳ ଏହି ନାଟକର ଏବେ ପ୍ରତି ଘରର କାହାଣୀ। ସିରିୟସ୍ ଜୋନ୍‌ର ଏହି ପ୍ରୟାସକୁ ନାଟ୍ୟପ୍ରେମୀ ଉଚ୍ଚ ପ୍ରଶଂସା କରିଛନ୍ତି।

### ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ

## ଜେଲ ଗଲା ଅଭିଯୁକ୍ତ

ଖଣ୍ଡପଡ଼ା, ୯ ।୨(ସମିସ)

ବିବାହ ପ୍ରତିଶ୍ରୁତି ସହ ବିଭିନ୍ନ ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା, ତାଙ୍କଠାରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକିନେବା ପରେ ପ୍ରତାରଣା ଦେଇଥିବା ଅଭିଯୋଗରେ ଖଣ୍ଡପଡ଼ା ଥାନା ପୁଲିସ ସ୍ଥାନୀୟ ଡାକ୍ତରଖାନା ଛକର ବିଜୟ କୁମାର ମହାନ୍ତିଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଥିଲା। ତଦନ୍ତ ପରେ ଅଭିଯୋଗରେ ସତ୍ୟତା ଥିବା ସ୍ପଷ୍ଟ ହେବା ପରେ ପୁଲିସ ମାମଲା ରୁଜୁ କରି ବିଜୟଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡ଼ା ଉପକାରାଗାର ପଠାଇ ଦିଆଯାଇଛି।

ଖଣ୍ଡପଡ଼ା ସହର ଏନଏସି କାର୍ଯ୍ୟାଳୟ ନିକଟରେ ଏକ କମ୍ପ୍ୟୁଟର ଦୋକାନ କରିଥିବା ବିଜୟଙ୍କ ଦୋକାନକୁ ଯୁବତୀ ଜଣକ କମ୍ପ୍ୟୁଟର ମରାମତି କରିବା ପାଇଁ ଯିବାଆସିବା କରିବା ସମୟରେ ଯୁବତୀଙ୍କ ମୋବାଇଲ ଫୋନ ନମ୍ବର ରଖି ଫୋନ ଯୋଗେ ଚାଟିଂ ଆରମ୍ଭ କରିଥିଲେ। ୨୦୨୩ରୁ ବିଜୟ ଯୁବତୀଙ୍କ ସହ ସମ୍ପର୍କ ଯୋଡ଼ିଥିଲେ। ପରେ ବିଜୟ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପୁରୀ, କଟକ, ସମ୍ବଲପୁର ଓ ହରିଶଙ୍କର ନେଇ ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖିଥିଲେ। ୨୦୨୪ରେ ସୁନା ବ୍ରେସଲେଟ କିଣିବା ପାଇଁ ଯୁବତୀଙ୍କଠାରୁ ୫୦ ହଜାର ଓ ପରେ କାର କିଣିବା ପାଇଁ ଦେଢ଼ଲକ୍ଷ ଟଙ୍କା ଠକି ନେଇଥିଲେ। ୨୦୨୪ ଡିସେମ୍ବର ୧୫ରେ ହରିଶଙ୍କର ମନ୍ଦିରରେ ଯୁବତୀଙ୍କୁ ସିନ୍ଦୂର ଲଗାଇ ଫୁଲମାଳ ପିନ୍ଧାଇ ବିଜୟ ବିବାହ ନାଟକ ରଚିବା ସହ ତାଙ୍କୁ ଆଣି ଘରେ ରଖିଥିଲେ। ଇତିମଧ୍ୟରେ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ। ମାତ୍ର ପରେ ଗର୍ଭପାତ କରିବା ପାଇଁ ବିଜୟ ଯୁବତୀଙ୍କୁ କହିଥିଲେ। ଏଥିରେ ଅରାଜି ହେବାରୁ ବିଜୟ ଓ ତାଙ୍କ ପରିବାର ଲୋକେ ଯୁବତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଜୋରଜବରଦସ୍ତ ଯୁବତୀଙ୍କ ଗର୍ଭ ନଷ୍ଟ କରିଦେଇଥିଲେ। ଏପରିକି ଶନିବାର ରାତି ୧୦ଟାରେ ବିଜୟ, ତାଙ୍କ ମା' ଓ ସାନ ଭଉଣୀ ଯୁବତୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ନିସ୍ତୁକ ମାଡ଼ମାରି ଘରୁ ବିଦା କରିଦେଇଥିଲେ। ଏ ନେଇ ଯୁବତୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ରାଜସୁନାଖଳା ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଟାଏ ବ୍ରେକରରେ ଢେଙ୍କାନାଳ ପପୁଲାର କ୍ଲବ ବିଜୟୀ

ରଣପୁର, ୯ ।୨(ସମିସ)



ରଣପୁର ବ୍ଲକ ରାଜସୁନାଖଳା ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ୨୨ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚ ସୋମବାର ଢେଙ୍କାନାଳ ପପୁଲାର କ୍ଲବ ଓ ଭଞ୍ଜନଗର ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଛି। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ପପୁଲାର କ୍ଲବ ଟାଏ ବ୍ରେକରରେ ବିଜୟୀ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଢେଙ୍କାନାଳ ପକ୍ଷରୁ ୯ ନମ୍ବର ଖେଳାଳି କାଳିଆ ପେନାଲ୍ଟି କିକ୍ ମାରି ଗୋଟିଏ ଗୋଲ କରିଥିଲେ। ପରେ ଭଞ୍ଜନଗର ପକ୍ଷରୁ ୫ନମ୍ବର ଖେଳାଳି ଗୋଟିଏ ଗୋଲ ସ୍କୋର କରିବାରୁ ମ୍ୟାଚ୍ ୧-୧ ଗୋଲରେ ବରାବର ହୋଇଥିଲା। ଫଳରେ ଟାଏ ବ୍ରେକରର ସହାୟତା ନିଆଯାଇଥିଲା। ପପୁଲାର କ୍ଲବ ୩-୧ ଗୋଲରେ ବିଜୟୀ ହୋଇଛି। ରେଫରି ଆଲୋକ ଦେହୁରୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଶିବ ଦେହୁରୀ ଓ ବୈକୁଣ୍ଠ ମାହାପାତ୍ର ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ଆଲୋକ ରଣା ଏବଂ ମ୍ୟାଚ କମିଶନର ସଦାଶିବ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ତାପସ ମାର୍ଥା, ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ମୁରଲୀକ୍ରୀଷ୍ଣା ରାଓ, ସମାଜସେବୀ ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ଭୁବନେଶ୍ୱର ସାନ କ୍ଲବ ଓ ଟାଙ୍ଗୀ ରଘୁନାଥ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ରଙ୍ଗମିସ୍ତ୍ରିର ଗଳାକାଟି ହତ୍ୟା ଘଟଣାରେ ଅଭିଯୁକ୍ତ ଗିରଫ

ଜଟଣୀ, ୯।୨(ସମିସ): ଜଟଣୀ ପୌରପାଳିକା ଅନ୍ତର୍ଗତ କୁଦିଆରୀ ରଙ୍ଗଣିସାହିର କମ୍ୟୁନିଟି ହଲରେ ରଙ୍ଗ ମିସ୍ତ୍ରି ପ୍ରଫୁଲ୍ଲ ବାରିକଙ୍କ ଗଳା କାଟି ହତ୍ୟା ଘଟଣାର ଆଜି ପର୍ଦ୍ଦାଫାସ ହୋଇଛି। ଦୀର୍ଘ ଦେଢ଼ ବର୍ଷ ପରେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ରଙ୍ଗଣିସାହିର ଶିବ ପ୍ରସାଦ ପ୍ରଧାନ (୪୮)। ମଜୁରୀ ଟଙ୍କାକୁ କେନ୍ଦ୍ର କରି ପ୍ରଫୁଲ୍ଲକୁ ଶିବ ଗଳାକାଟି ହତ୍ୟା କରିଥିବା ଜଣାପଡ଼ିଛି।



ପ୍ରଫୁଲ୍ଲ ବାରିକ ଓ ଅଭିଯୁକ୍ତ ଶିବ ପ୍ରସାଦ ଉଭୟ ଦିନ ମଜୁରିଆ ହୋଇଥିବା ବେଳେ ଅଞ୍ଚଳରେ ସିମେଣ୍ଟ ଓ ରଙ୍ଗ କାମ କରୁଥିଲେ। ଏହାରି ମଧ୍ୟରେ ହତ୍ୟା ଘଟଣାର କିଛି ଦିନ ପୂର୍ବେ ପ୍ରଫୁଲ୍ଲ ରଙ୍ଗ କାମ ପାଇଁ ମାଲିକଙ୍କଠାରୁ ଏକ ଠିକା କାମ ପାଇଥିଲେ ଏବଂ ଉକ୍ତ କାମରେ ଅଭିଯୁକ୍ତକୁ ସାମିଲ କରି କାମ ଶେଷ କରିଥିଲେ। ପରେ ଘର ମାଲିକଙ୍କଠାରୁ ଅଭିଯୁକ୍ତ ଶିବ ସଂପୂର୍ଣ୍ଣ ଟଙ୍କା ନେଇଯାଇଥିଲେ, କିନ୍ତୁ ପ୍ରଫୁଲ୍ଲଙ୍କୁ ତାଙ୍କ ଅଂଶ ଟଙ୍କା ଦେଇନଥିଲେ। ଯାହାକୁ ନେଇ ପ୍ରଫୁଲ୍ଲ ବାରମ୍ବାର ଟଙ୍କା ମାଗୁଥିଲେ। ଫଳରେ ଶିବ ପ୍ରସାଦକୁ ଏହା ଅପମାନିତ ଲାଗିଥିଲା। ତେଣୁ ଅଭିଯୁକ୍ତ ପ୍ରଫୁଲ୍ଲକୁ ରାସ୍ତାରୁ ହଟାଇ ଦେବାକୁ ମନସ୍ଥ କରିଥିଲା। ୨୦୨୪ ଅଗଷ୍ଟ ୧୪ ସକାଳେ ଶିବ ପ୍ରଫୁଲ୍ଲକୁ ଟଙ୍କା ଦେବାକୁ କହି ନିଜ ଘରକୁ ଡାକିଥିଲା। ପରେ ଏକ ବାଇକରେ ପ୍ରଫୁଲ୍ଲ, ଅଭିଯୁକ୍ତ ଶିବ ଓ ପ୍ରଭାତ ସ୍ୱାଇଁ ନାମକ ଜଣେ ବ୍ୟକ୍ତି ମିଶି ଗାଁରେ ଘୁରି ବୁଲିବା ସହ ମଦ ଦୋକାନରୁ କିଛି ମଦ କିଣିଥିଲେ। ଏହାପରେ ରଙ୍ଗଣିସାହି ସ୍ଥିତ କମ୍ୟୁନିଟି ହଲ୍ ଭିତରେ ପ୍ରଫୁଲ୍ଲ ଓ ଅଭିଯୁକ୍ତ ଶିବ ପଶିଥିଲେ। ଏହି ସମୟରେ ପ୍ରଭାତ କୁଦିଆରୀସ୍ଥିତ ଏକ ମଠକୁ ଚାଲିଯାଇଥିଲେ। ମଧ୍ୟାହ୍ନ ୧୨ଟା ସମୟରେ ଗ୍ରାମର କିଛି ଲୋକ ହଲ ଭିତରେ ରକ୍ତାକ୍ତ ଅବସ୍ଥାରେ ମୃତଦେହ ପଡ଼ିଥିବାର ଦେଖି ପୁଲିସକୁ ଖବର ଦେଇଥିଲେ। ଏହି ସମୟରେ ଅଭିଯୁକ୍ତ ଶିବ ଫେରାର ହୋଇଯାଇଥିବା ବେଳେ ଆଜି ତାକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ୩ଟି ହାଇୱା ଓ ଦୁଇଟି ଜେସିବି ଜବତ

ଜଟଣୀ, ୯।୨ (ସମିସ): ଜଟଣୀ ଥାନା ଅଞ୍ଚଳରେ ପ୍ରତିଦିନ ଲଘୁ ଖଣିଜ ଖୋଳା ସହ ଚୋରାଚାଲାଣ ବଢ଼ିବାରେ ଲାଗିଛି। ବର୍ଷ ବର୍ଷ ଧରି ଏଭଳି ବେଆଇନ୍ ଭାବେ ଚାଲି ଆସୁଥିବା ବେଳେ ପରୋକ୍ଷରେ ପୁଲିସ ଓ ତହସିଲ୍ ପ୍ରଶାସନର କର୍ମଚାରୀମାନେ ଖଣି ମାଫିଆମାନଙ୍କୁ ଲୁଟରେ ସହଯୋଗ କରୁଛନ୍ତି। ବାରମ୍ବାର ଅଭିଯୋଗ ପରେ ଗତକାଲି ବିଳମ୍ବିତ ରାତିରେ ଜିଲ୍ଲା ଖଣି ବିଭାଗ ଓ ତହସିଲ୍ ପ୍ରଶାସନ ପକ୍ଷରୁ ମିଳିତ ଭାବେ ରଥିପୁର ମୌଜାରେ ଚାଲିଥିବା ବେଆଇନ୍ ଖଣିରେ ଚଢ଼ଉ କରାଯାଇଛି। ଘଟଣାସ୍ଥଳରୁ ବେଆଇନ୍ ଖଣି ଖୋଳାରେ ନିୟୋଜିତ ୩ଟି ହାଇୱା ଓ ୨ଟି ଜେସିବି ମେସିନ୍ ଜବତ ହୋଇଛି। ଟିମ୍ ପହଞ୍ଚିବା ପୂର୍ବରୁ ନିୟୋଜିତ ଶ୍ରମିକ ଓ ଗାଡ଼ି ଡ୍ରାଇଭରମାନେ ଗାଡ଼ି ଛାଡ଼ି ଖସି ପଳାଇଥିଲେ। ମାଲିକମାନେ ମୋଟା ଅଙ୍କର ଜୋରିମାନା ଦେଇ ଗାଡ଼ି ମୁକୁଳାଇବେ ଜଣାପଡ଼ିଛି।

## ଏଖରାଜାତ ମାହାଲ ଜମି ମାମଲାକୁ ନେଇ ପ୍ରଜାମେଳି

ଜଟଣୀ, ୯।୨(ସମିସ): ୨୦୧୨ ମସିହାରେ ଏସଜେଟିଏଙ୍କ ଆଦେଶରେ ଜମି ବିକ୍ରି ଓ ଖର୍ଦ୍ଦି ନାମଜାରୀ ରୋକ ଲାଗିଥିଲା। ରାଜ୍ୟ ସରକାର ଦୁଇ ବର୍ଷ ପରେ ଚିଠି ନଂ ୧୨୦୨୮ ତା ୨୦/୦୪/୨୦୧୪ ରେ ଏହି ରୋକ୍ ବୈଧ କଲେ। ଯାହା ମନମୁଖୀ ଓ ବେଆଇନ୍ ବୋଲି ଅଭିଯୋଗ ହୋଇଥିଲା। ୨୦୧୩ ମସିହାରେ ବନ୍ଦୋବସ୍ତ ପାର୍ଚ୍ଚି ମିଳିବା ପରେ ୮ଟି ଗ୍ରାମର ପ୍ରଜାଙ୍କ ସ୍ଥିତିବାନ ସତ୍ୱ କଟି ଶ୍ରୀ ଜଗନ୍ନାଥଙ୍କ ନାମରେ ହୋଇଥିଲା। ତେଣୁ ପ୍ରଜାଙ୍କ ଜମି ପୂର୍ବବତ ସ୍ଥିତିବାନ ସତ୍ୱରେ ପ୍ରଜାଙ୍କ ଖାତାକୁ ଫେରସ୍ତ କରିବା ଓ ଏଖରାଜାତ ମାହାଲ ଅଞ୍ଚଳରେ ଥିବା ଅନେକ ସର୍ବସାଧାରଣ ଜମି, ଶ୍ମଶାନ, ସ୍କୁଲ୍, ପୁଷ୍କରିଣୀ ଆଦି ଚଞ୍ଚକତାରେ ମହାପ୍ରଭୁଙ୍କ ନାମକୁ ଦିଆଯାଇଛି। ଏହି ସମସ୍ତ ଜମି ରାଜ୍ୟ ସରକାରଙ୍କ ଅଧିକାରକୁ ଫେରସ୍ତ କରିବା ଦାବି ନେଇ ଆଜି ପ୍ରଜାମାନେ ପୁଣି ମେଳି କରି ବୈଠକ କରିଛନ୍ତି। ବୈଠକରେ ଅଭିଯୋଗ କରାଯାଇଛି ଯେ, ୨୦୧୨-୧୩ ସୁଦ୍ଧା ଏ ଅଞ୍ଚଳରେ ବନ୍ଦୋବସ୍ତ ପ୍ରକ୍ରିୟା ପରେ ରୟତ




ମାନଙ୍କୁ ଅନେକ ପାର୍ଚ୍ଚି ବଣ୍ଟନ ହୋଇଥିଲା। ମାତ୍ର ଜଣେ ଏଏସଓଙ୍କ ଦ୍ୱାରା ସମସ୍ତ ଏଖରାଜାତ ଅଞ୍ଚଳ ୮ଗୋଟି ମୌଜାର ପୈତୃକ ସ୍ଥିତିବାନ ଜମି ଶ୍ରୀ ଜଗନ୍ନାଥଙ୍କ ନାମରେ ଚଞ୍ଚକତାରେ ରାତା ରାତି ରେକର୍ଡ କରାଗଲା ଓ ଖାତାରୁ ପ୍ରଜାଙ୍କ ନାମ କାଟି ଦିଆଗଲା। ଏହାରି ମଧ୍ୟରେ ରୟତମାନଙ୍କ ଅଗୋଚରରେ ବିଗତ ୧୩ବର୍ଷ ଧରି ରୟତମାନେ ଅନେକ ଆବେଦନ, ନିବେଦନ ଓ ସାକ୍ଷାତକାର କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଚିଠି ନଂ ୩୨୪୩୫ ଉପରେ ସତ୍ୱ ସପକ୍ଷରେ ଅନେକ ତଥ୍ୟ ମିଳିବ। ଶ୍ରୀମନ୍ଦିର ପ୍ରଶାସନକୁ କେବଳ ଜମିଦାରୀ ଅଧିକାର ହୋଇଥିଲା, ମାତ୍ର ରୟତୀ ଅଧିକାର ପ୍ରଜାଙ୍କ ଥିଲା। ଜମିଦାରୀ ମଧ୍ୟ ଉଚ୍ଛେଦ ହୋଇ ୧୯୭୪ ମସିହାରେ ଏସଜେଟିଏଙ୍କୁ ପୂର୍ଣ୍ଣ କ୍ଷତିପୂରଣ ସରକାର ଦେଲେ। ତେଣୁ ଏସଜେଟିଏଙ୍କ ଜମିଦାରୀ ଓ ରୟତୀ ଅଧିକାର ନଥିଲା। ୧୮୯୦ ଠାରୁ ୧୯୭୫ ପର୍ଯ୍ୟନ୍ତ ରୟତମାନେ ସ୍ଥିତିବାନ ପଟ୍ଟା ପାଇଛନ୍ତି। ତଥାପି ସଂପୃକ୍ତ ଏଏସଓ ସ୍ଥିତିବାନ ଜମି ଶ୍ରୀ ଜଗନ୍ନାଥଙ୍କ ନାମରେ କରିଦେଲେ ଓ ପ୍ରଜାଙ୍କ ନାମ ଖାତାରୁ କାଟିଦେଲେ। ଏହି ତ୍ରୁଟି ସଂଶୋଧନ କରିବା ପାଇଁ ରୟତମାନେ ଉଚ୍ଚ ନ୍ୟାୟାଳୟରେ ପିଆଇଏଲ ନଂ ୧୨୧୯୩/୨୦୧୪ ଫାଇଲ୍ କରିଥିଲେ। ଯାହାକୁ ସରକାର ୬ମାସ ମଧ୍ୟରେ ପ୍ରଶାସନିକ କ୍ଷେତ୍ରରେ ସମାଧାନ କରିବେ ବୋଲି କହି କୋର୍ଟରୁ ପ୍ରତ୍ୟାହାର କରିଥିଲେ। ମାତ୍ର ୬ମାସ ପରେ ମେମ୍ବର କୋର୍ଟ ଗଠନ କଲେ, ମେମ୍ବର କୋର୍ଟଙ୍କ ଅସାମର୍ଥ୍ୟ ଯୋଗୁ ସ୍ପେଶାଲ କୋର୍ଟ ଗଠନ କଲେ। ଏହି କୋର୍ଟ ଇତି ମଧ୍ୟରେ ମାତ୍ର ଦୁଇଟି ମାମଲାରେ ପ୍ରଜାଙ୍କ ସପକ୍ଷରେ ସମସ୍ତ ପ୍ରମାଣ ପାଇ ମଧ୍ୟ ଖାରଜ କରିଦେଲେ ଏବଂ ନିଜର ଅସାମର୍ଥ୍ୟ ପ୍ରକାଶ କଲେ ବୋଲି ଅଭିଯୋଗ ହୋଇଛି। ତେବେ ବୈଠକରେ ନିଷ୍ପତ୍ତି ହୋଇଛି ଯେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଓ ଆଇନ୍ ମନ୍ତ୍ରୀଙ୍କୁ ଭେଟି ଏକ ନିବେଦନ ପତ୍ର ପ୍ରଦାନ କରାଯିବ ବୋଲି କୁହାଯାଇଛି।

## ଆକ୍ରମଣରେ ଜଣେ ଗୁରୁତର; ବନ୍ଧୁକ ଜବତ, ୨ ଅଟକ

ଖୋର୍ଦ୍ଧା, ୯।୨(ସମିସ): ୧୬ ନମ୍ବର ଜାତୀୟ ରାଜପଥ ଦଳେଇପୁଟ ପେଟ୍ରୋଲ ପମ୍ପ ନିକଟରେ ଗାଡି ଧକ୍କାକୁ କେନ୍ଦ୍ର କରି ଦେଶୀ ବନ୍ଧୁକ ଆକ୍ରମଣ ଘଟଣାରେ ସଦର ପୁଲିସ ୨ଜଣଙ୍କୁ ଥାନାରେ ଅଟକ ରଖିଥିବା ବେଳେ ବନ୍ଧୁକ, ବାଇକ ଜବତ କରିଛି। ଅଟକ ଯୁବକ ଦ୍ୱୟ ଗୋଡିପଡା ଅଞ୍ଚଳର ବୋଲି ପୁଲିସ କହିଛି। ଖବର ଲେଖାହେବା ସୁଦ୍ଧା ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ବେଳେ ପୁଲିସ ବନ୍ଧୁକ କେଉଁଠୁ ଆଣିଲେ, କିଏ ଏମାନଙ୍କୁ ସପ୍ଲାଇ କରୁଛି, ଆଉ କାହା ପାଖରେ ବନ୍ଧୁକ ରହିଛି, ପୁଲିସ ତାହାର ଖୋଲତାଡ କରୁଛି।

ମିଳିଥିବା ସୂଚନା ପ୍ରକାରେ ତିରିମଲ୍ଲ ଅଞ୍ଚଳର ଜଣେ ଯୁବକ ଉକ୍ତ ପେଟ୍ରୋଲ ପମ୍ପ ରେ ତେଲ ପକାଇ ବାହାରୁଥିବା ବେଳେ ସମ୍ମୁଖ ଭାଗରୁ ଆସି ଦୁଇ ଜଣ ଯୁବକ ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଏ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଖବରପାଇ ସ୍କୁଟି ଚାଳକଙ୍କ ବାପା ଘଟଣା ସ୍ଥଳରେ ପହଁଚି ବୁଝାସୁଝା କରିବା ବେଳେ ଅନ୍ୟ ବାଇକରେ ଆସିଥିବା ଯୁବକଙ୍କ ମଧ୍ୟରେ ଜଣେ ବନ୍ଧୁକ ବାହାର କରି ତାଙ୍କ ମୁଣ୍ଡକୁ ଯୋର ପିଟି ଦେଇଥିଲା। ଚିତ୍କାର ଶୁଣି ପାଖରେ ଥିବା ଲୋକେ ପହଁଚିଯିବା ବେଳେ ଯୁବକ ଦ୍ୱୟ ଖସିଯିବାବେଳେ ମାଡି ବସି ପୁଲିସକୁ ଖବର ଦେଇଥିଲେ। ହାଇୱେ ପାଟ୍ରୋଲିଂ କରୁଥିବା ପୁଲିସ ଭ୍ୟାନ ପହଁଚି ଆହତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ କରିଥିବା ବେଳେ ଆକ୍ରମଣକାରୀ ଯୁବକ ଦ୍ୱୟଙ୍କୁ ସଦର ଥାନାକୁ ଆଣିଥିଲା। ଏନେଇ ପୁଲିସ ନିଜ ଆଡୁ ଆମ୍ସ ଆକ୍ଟରେ ନିଜ ଆଡୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଯୌତୁକଜନିତ ବଧୂହତ୍ୟା ଅଭିଯୋଗ

ବାଣପୁର, ୯।୨(ସମିସ): ଶାଶୂ ଘରେ ଜଣେ ବଧୂକୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଜୀବନରେ ମାରି ଦେଇଥିବା ନେଇ ଝିଅର ବାପଘର ଲୋଚକେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଶାଶୁଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇ ଥିବା ବେଳେ ଗିରଫ ଭୟରେ ଅନ୍ୟମାନେ ଫେରାର ହୋଇଯାଇଥିବା ପୁଲିସ କହିଛି। ଅଭିଯୋଗ ମୁତାବକ, ପ୍ରାୟ ୫ ବର୍ଷ ପୂର୍ବେ ଟାଙ୍ଗୀ ଥାନା ଅନ୍ତର୍ଗତ ପାରିଓରଡ଼ ଗ୍ରାମର ବୈକୁଣ୍ଠ ସାହୁ(୬୮)ଙ୍କ ସାନ ଝିଅ ଜ୍ୟୋସ୍ନା ସାହୁ, ନାଚୁଣୀ ଥାନା ଅନ୍ତର୍ଗତ ବଉଳାବନ୍ଧ ଗ୍ରାମର ମୃତ ପଦ୍ମ ସାହୁଙ୍କ ବଡ଼ ପୁଅ ହରି ସାହୁ (୩୫)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ବର୍ଷ ସବୁ କିଛି ଠିକ୍ ଠାକ ଚାଲିଥିବା ବେଳେ ଇତିମଧ୍ୟରେ ତାଙ୍କର ୨ଟି ସନ୍ତାନ ଜନ୍ମ ଲାଭ କରିଥିଲେ। ତନ୍ମଧ୍ୟର ୩ ବର୍ଷର ଗୋଟିଏ ଝିଅ ଓ ବର୍ଷକର ଗୋଟିଏ ପୁଅ ଅଛନ୍ତି। ତେବେ ପରବର୍ତ୍ତି ସମୟରେ ଶାଶୁ ଘର ଲୋକ ଯୌତୁକ ବାବଦରେ ବାପ ଘରୁ ଅଧିକା ୨ ଲକ୍ଷ ଟଙ୍କା ଆଣିବା ପାଇଁ ବାରମ୍ବାର ଜ୍ୟୋସ୍ନାଙ୍କ ଉପରେ ଚାପ ପକାଉଥିଲେ। ଶାଶୁଙ୍କ ସମେତ ସ୍ୱାମୀ ଓ ଦିଅର, ସାନ ଯା ଏବଂ ନଣନ୍ଦ ବିଭିନ୍ନ ସମୟରେ ଜ୍ୟୋସ୍ନାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରୁଥିଲେ। ଏପରିସ୍ଥଳେ ସୋମବାର ଜ୍ୟୋସ୍ନା ମୃତ୍ୟୁବରଣ କରିଥିବା ନେଇ ଗ୍ରାମବାସୀଙ୍କ ଠାରୁ ଖବର ପାଇ ବାପ ଘର ଲୋକେ ଜ୍ୟୋସ୍ନାଙ୍କ ଶଶୁର ହରି ସାହୁଙ୍କ ଘରେ ପହଞ୍ଚି ଦେଖିଲା ବେଳକୁ ଜ୍ୟୋସ୍ନାଙ୍କର ମୃତଦେହ ପଡିଥିବାର ଦେଖିବାକୁ ପାଇଥିଲେ। ତେବେ ଜ୍ୟୋସ୍ନାଙ୍କ ବେକ ସମେତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବାରୁ ସ୍ୱାମୀ ହରି ସାହୁ, ଦିଅର ଦେବ ସାହୁ (୩୦), ସାନ ଯାଆ ପୂଜା ସାହୁ (୨୮) ଓ ନଣନ୍ଦ ରିତା ସାହୁ (୩୨)ଙ୍କ ସମେତ ଶାଶୁ ଛବି ସାହୁ (୬୦) ପ୍ରମୁଖ ଶାଶୁ ଘର ଲୋକେ ମିଶି ତାଙ୍କର ଝିଅ ଜ୍ୟୋସ୍ନାଙ୍କ ବେକରେ ଶାବଳ ପକାଇ ଜ୍ୟୋସ୍ନାଙ୍କୁ ଜୀବନରେ ମାରି ଦେଇ ଥିବା ନେଇ ଜ୍ୟୋସ୍ନାଙ୍କ ବାପା ବୈକୁଣ୍ଠ ସାହୁ ନାଚୁଣୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ନାଚୁଣୀ ପୁଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଣପୁର ପଠାଇ ତଦନ୍ତ ଜାରି ରଖି ଥିବା ବେଳେ ପୁଲିସ ଶାଶୁ ଛବି ସାହୁକୁ ଗିରଫ କରି ଘଟଣାର ତଦନ୍ତ ଚଳାଇ ଥିବା ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନା ସୁଚନା ଦେଇଛନ୍ତି।

## ଗୁରୁକୁଳ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ




ବେଗୁନିଆ, ୯।୨(ସମିସ): ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାଲତରା ଗ୍ରାମ ସ୍ଥିତ ଗୁରୁକୁଳ ଶିକ୍ଷା ନିକେତନର ଷୋଡ଼ଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଶିକ୍ଷାବିତ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ପଣ୍ଡାଙ୍କ ସଂଯୋଜନାରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟଅତିଥି, ଶିକ୍ଷାପ୍ରେମୀ ଉପେନ୍ଦ୍ର କୁମାର ଦାସ ମୁଖ୍ୟବକ୍ତା, ଗୁରୁକୁଳ ପ୍ରତିଷ୍ଠାତା ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ, ସିଆରସିସି ଲୋକନାଥ ସାହୁ, ପ୍ରଧାନଶିକ୍ଷୟିତ୍ରୀ ବିଜୟିନୀ ଶତପଥି ଓ ସ୍ୱର୍ଣ୍ଣଲତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଦ୍ୟାର୍ଥି ମାନେ ଭଲ ପାଠ ପଢି ଦେଶ ଓ ଜାତିର ଟେକ ରଖିବା ପାଇଁ ପରାମର୍ଶ ଦେବା ସହ କୃତୀ ବିଦ୍ୟାର୍ଥିଙ୍କୁ ପୁରସ୍କାର ବିତରଣ କରିଥିଲେ। ସଭାର ପ୍ରାରମ୍ଭରେ ଆଚାର୍ଯ୍ୟ ଦିନବନ୍ଧୁ ସାହୁ ଅତିଥି ପରିଚୟ ଦେଇଥିବା ବେଳେ ରମେଶ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ।

## ପିଏମଶ୍ରୀ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନିରାକାରପୁର, ୯।୨(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ପିଏମଶ୍ରୀ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଅଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ଛୋଟରାୟଙ୍କ ପରିଚାଳନା ରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ମୁଖ୍ୟବକ୍ତା ଭାବେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥ ଶର୍ମା, ବିଦ୍ୟାଳୟ ଏସ.ଏମ.ସି ସଭାପତି ରବି ନାରାୟଣ ବାହିନୀପତି, ସରପଞ୍ଚ କାଦମ୍ବିନୀ ବେହେରା ଓ ସମିତି ସଭ୍ୟା ଲୋପାମୁଦ୍ରା ଦାଶ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷଣୀୟ ବକ୍ତବ୍ୟ ରଖିଥିଲେ। ଶିକ୍ଷୟତ୍ରୀ ରିତା ବଲ୍ଲଭି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମଞ୍ଚ ସଂଚାଳନ କରିଥିଲେ ବିଜୟ କୁମାର ସେଠୀ। ସ୍ୱତନ୍ତ୍ର ଭାବେ ସହକାରୀ ଶିକ୍ଷକ ଉମେଶ ଚନ୍ଦ୍ର ମିଶ୍ରଙ୍କୁ ମାନପତ୍ର ଉତ୍ତରୀୟ ଦେଇ ଅତିଥି ପୁରସ୍କୃତ କରିଥିଲେ। ବିଶ୍ୱଜିତ ସାହୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ମିତାଞ୍ଜଳି ବେହେରା, ରବୀନ୍ଦ୍ର ନିମାଳ, ରୁପାଲୀ ପାଇକରାୟ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବେଗୁନିଆରେ ବିଇଓଙ୍କ ଯୋଗଦାନ

ବେଗୁନିଆ, ୯।୨(ସମିସ): ବେଗୁନିଆ ବ୍ଲକର କାର୍ଯ୍ୟରତଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି ହେବା ପରେ ଏଠାରେ ପଦବୀଟି ଖାଲି ପଡିଥିଲା। ଫଳରେ ଶିକ୍ଷକ ମାନେ ଜାନୁଆରୀ ମାସର ଦରମା ପାଇ ପାରି ନଥିବା ବେଳେ ଶିକ୍ଷକମାନଙ୍କର କୌଣସି କାର୍ଯ୍ୟ ଠିକ ଭାବରେ ହୋଇ ପାରୁନଥିଲା। ଏହି ଘଟଣାକୁ ନେଇ ଗତ ୩ ତାରିଖରେ 'ସକାଳ'ରେ ପ୍ରକାଶ ପାଇବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ତେବେ ବନମାଳୀପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଣ୍ଣବ କୁମାର ବେଉରାଙ୍କ ନାମ ଡାଇରେକ୍ଟର ଏଲିମେଂଟାରୀଙ୍କୁ ସୁପାରିଶ କରି ଡେପୁଟି ଡାଇରେକ୍ଟର ଚିଠି ନଂ ୧୭୨୪ରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଘୋଷଣା କରି ଅତିରିକ୍ତ କ୍ଷମତାରେ ଅର୍ଥ ଉଠାଣ ଓ ପ୍ରଦାନ କ୍ଷମତା ଓ ଅନ୍ୟାଦେଶ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବେଉରା ଯୋଗ ଦେଇଥିବାରୁ ଶିକ୍ଷକ ମହଲରେ ଖୁସିର ଲହରୀ ଦେଖା ଦେଇଥିବା ବେଳେ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଛନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

ବେଗୁନିଆ, ୯।୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡମାଣତିରି ପଞ୍ଚାୟତ ପରିସରରେ ପଲ୍ଲୀରେ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ବିଧାୟକ ପ୍ରଦୀପ କୁମାର ସାହୁ, ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଡ଼ିଓ ସନ୍ତୋଷ କୁମାର ଜେନା, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ଓ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠ ସହକାରୀ କଲେକ୍ଟର ଭୁବନେଶ୍ୱରୀ କଅଁରଙ୍କ ସମେତ ସମସ୍ତ ଅଧିକାରୀ ଯୋଗ ଦେଇ ଅଭିଯୋଗ ଶୁଣାଣୀ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ମୋଟ ୬୬ ଗୋଟି ଅଭିଯୋଗ ୪୬ଟି ବ୍ୟକ୍ତିଗତ, ଗ୍ରାମୀଣ ସମସ୍ୟା ୨୦ଟି ଅଭିଯୋଗ ହୋଇଥିବା ବେଳେ ତୁରନ୍ତ ୬ ଗୋଟି ଅଭିଯୋଗର ସମାଧାନ କରାଯାଇ ଅନ୍ୟ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀଙ୍କୁ ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ବନ୍ଧୁମିଳନ କାର୍ଯ୍ୟକ୍ରମ

ନିରାକାରପୁର, ୯।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଡିଆ କପିଳେଶ୍ୱର ଦେବଙ୍କ ପୀଠରେ ନିରାକାରପୁର କ୍ଷେତ୍ରବାସୀ ଏକାଡେମୀର ୨୦୦୭ ମସିହା ବ୍ୟାଚ ଛାତ୍ରଛାତ୍ରୀଙ୍କ ଏକ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରସ୍ପରକୁ ଅସମୟରେ ସହଯୋଗ କରିବାକୁ ବନ୍ଧୁମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ୱର୍ଗ ପ୍ରାପ୍ତି ହୋଇଥିବା ବନ୍ଧୁମାନଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

## ନୀଳାମ୍ବୁ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ଟାଙ୍ଗୀ, ୯।୨(ସମିସ): ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଚାନ୍ଦପୁର ଦଶଦୋଳ ପଡିଆରେ ଅନୁଷ୍ଠିତ ଚତୁର୍ଥ ବାର୍ଷିକ ନିଳାମ୍ବୁ ମହୋତ୍ସବର ଚତୁର୍ଥ ସଂନ୍ଧ୍ୟା ବ୍ରଜେଶ୍ୱରି ନୃତ୍ୟ କଳା ସଂସଦ ବରଗଡ ଶବ୍ଦ ନୃତ୍ୟରେ ଦର୍ଶକ ଝୁମିଲେ। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସୁରେଶ ଚନ୍ଦ୍ର ମିଶ୍ର, ତ୍ରିନାଥ ବିଶ୍ୱାଳ, ମନୋଜ ଦାସ, ପୂର୍ବତନ କନ୍ଧନୟାଗଡ ସରପଞ୍ଚ ଅରୁଣ ସୁବୁଦ୍ଧି, ସଂପାଦକ ମନୋଜ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ଏ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବରିଷ୍ଠ ନାଗରିକ ଧନେଶ୍ୱର ଅଗ୍ରୱାଲା, ଶିକ୍ଷାବିତ ସୂର୍ଯ୍ୟକାନ୍ତ ସାହୁ, ସମାଜସେବୀ ମନୋଜ ଦାସ, ପାଣ୍ଡବ ସାହୁ, ଶିକ୍ଷାବିତ ପ୍ରମୋଦ କୁମାର ସେଠୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଭ୍ୟ ପ୍ରଦୀପ କୁମାର ମହାପାତ୍ର। ସହଯୋଗ କରିଥିଲେ ସାମ୍ବାଦିକ ସଭ୍ୟ ରଜନୀକାନ୍ତ ମିଶ୍ର, କୋଷାଧ୍ୟକ୍ଷ ଦାମୋଦର ସାହୁ, ପ୍ରଦୀପ କୁମାର ସାହୁ, ପ୍ରଶାନ୍ତ କୁମାର ବେହେରା। ଉଦଘୋଷକ ଭାବେ ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର କାର୍ଯ୍ୟ ସଂପାଦନ କରିଥିଲେ।

## ଶିକ୍ଷକଙ୍କ ପିତୃ ବିୟୋଗ

ବେଗୁନିଆ, ୯।୨(ସମିସ): ବାଙ୍କୀ ଉପଖଣ୍ଡ ପୁଇଁଚା ପଞ୍ଚାୟତ ଅନ୍ତର୍ଗତ ପଣ୍ଡାଳମ ଗ୍ରାମର ଶିକ୍ଷକ ହରେକୃଷ୍ଣ ପାଣିଗ୍ରାହୀଙ୍କ ପିତା ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ (୮୯) ରେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ ମୃତ୍ୟୁବରଣ କରିଛନ୍ତି। ସେ ଜଣେ ମେଳାପି, ଧର୍ମପରାୟଣ ଓ ଦରଦୀ ବ୍ୟକ୍ତି ଭାବରେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ମର ଶରୀରକୁ ଗ୍ରାମ୍ୟ ଶ୍ମଶାନରେ ଏକମାତ୍ର ପୁତ୍ର ହରେକୃଷ୍ଣ ମୁଖା ଗ୍ନି ଦେବା ପରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା।

## ହସ୍ପିଟାଲରେ ଅଗ୍ନିଶମ ବାହିନୀ ପକ୍ଷରୁ ମକ୍‌ଡ୍ରିଲ

ଚିଲିକା, ୯।୨ (ସମିସ): ସୋମବାର ପୂର୍ବାହ୍ନରେ ନାଚୁଣୀ କହ୍ନେଇପୁରସ୍ଥିତ ଗାୟତ୍ରୀ ହସ୍ପିଟାଲରେ ଗଙ୍ଗାଧରପୁର ଅଗ୍ନିଶମ ବାହିନୀ ମୁଖ୍ୟ ଅସିତ୍ କୁମାର ଜେନାଙ୍କ ନେତୃତ୍ୱରେ ଦୁର୍ଘଟଣା ସମ୍ବନ୍ଧୀୟ ଏକ ମକ ଡ୍ରିଲ୍ ଅନୁଷ୍ଠିତ ହୋଇଛି। ଉକ୍ତ ମକଡ୍ରିଲରେ ଅଗ୍ନିଶମ କର୍ମଚାରୀ ମାନେ ମେଡିକାଲ କର୍ତ୍ତୃପକ୍ଷ ଶ୍ରୀମତି ମୋନାଲିସା ହରିଚନ୍ଦନ ଏବଂ ସମସ୍ତ କର୍ମଚାରୀ ମାନଙ୍କୁ ଦୈନନ୍ଦିନ ଘଟୁଥିବା ଘଟଣା, ଦୁର୍ଘଟଣା ଏବଂ ଏହାର ପ୍ରାଥମିକ ଉପଚାର ଓ ସଚେତନତା ଉପରେ ଜରୁରୀ ଟିପଣୀ ମାନ ଉପସ୍ଥାପନ କରିଥିଲେ।

## ରାଜ୍ୟସ୍ତରୀୟ ଫୁଟବଲ: ଭୁବନେଶ୍ୱର ଆଫ୍ରିକା ଇଲେଭେନ ଚାମ୍ପିଅନ




ବେଗୁନିଆ, ୯।୨ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ କଲେଜ ଖେଳ ପଡିଆ ପରିସରରେ ବାବା ବାଲୁଙ୍କେଶ୍ୱର ଦେବ ଫୁଟବଲ ଆସୋସିଏସନ୍ ପକ୍ଷରୁ ନବମ ବାର୍ଷିକ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଉଦଯାପିତ ହୋଇଛି। ଏଥିରେ ଆଫ୍ରିକା ଇଲେଭେନ୍ ଭୁବନେଶ୍ୱର ଓ କଟକ ଚୌଦ୍ୱାର ୱାଇଏଫସି କ୍ଲବ ମଧ୍ୟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଭୁବନେଶ୍ୱର ଆଫ୍ରିକା ଇଲେଭେନ୍ ୨-୧ ଗୋଲରେ ବିଜୟ ଲାଭ କରି ଚାମ୍ପିଅନ ଟ୍ରଫି ଗ୍ରହଣ କରିଥିଲା। ଖେଳକୁ ରେଫରୀ ସୁଜିତ୍ ପାତ୍ରଙ୍କ ନେତୃତ୍ୱରେ ଏମଏସ ବେଗ, ଲକ୍ଷ୍ମୀଧର ଚୌଧୁରୀ ଓ ଶରତ ଚନ୍ଦ୍ର ଛୋଟରାୟ ଲାଇନ ମ୍ୟାନ ଭାବେ ରହି ସହଯୋଗ କରିଥିଲେ। ପୁରସ୍କାର ବିତରଣ ସଭାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟବକ୍ତା, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ମନୋଜ କୁମାର ପ୍ରଧାନ, ନୀଳକଣ୍ଠ ସ୍ୱାଇଁ ଓ ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଓ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।

### ପରିବହନ ବିଭାଗର ବିଚିତ୍ର ନୀତି

## ଫିଟ୍‌ନେସ୍ ନବୀକରଣ ସେବା ଠପ୍ ଅଭିଯୋଗ

ଟାଙ୍ଗୀ, ୯।୨(ସମିସ): ରାଜ୍ୟ ପରିବହନ ବିଭାଗର ବେପରୁଆ କାର୍ଯ୍ୟକଳାପ ଏବେ ଚରମ ସୀମା ଅତିକ୍ରମ କରିଛି। ଗତ ଏକ ସପ୍ତାହ ହେଲା ଫିଟନେସ ପଞ୍ଜୀକରଣ ପାଇଁ ଅନଲାଇନରେ ସରକାରୀ ଫି' ପୈଠ ହୋଇପାରୁନଥିବା ବେଳେ ଏନଫୋର୍ସମେଣ୍ଟ କର୍ମଚାରୀ ବିଭିନ୍ନ ସ୍ଥାନରେ ଅତର୍କିତ ଭାବେ ଚଢଉ କରି ଫିଟନେସ ନଥିବା ଦର୍ଶାଇ ଜରିମାନା କରୁଥିବା, ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ବିଭିନ୍ନ ଟୋଲପ୍ଲାଜାରେ ଲଗାଯାଇଥିବା କ୍ୟାମେରାରେ ମୋଟରଯାନ ଆଇନର ବିଭିନ୍ନ ଦଫା ଲଗାଇ ଚାଲାଣ କଟୁଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଗତ କିଛି ଦିନ ତଳେ ପରିବହନ ବିଭାଗ ପ୍ରତ୍ୟେକ ବ୍ୟବସାୟିକ ପଞ୍ଜିକୃତ ଗାଡିର ଫିଟନେସ ନବୀକରଣ ଫି ଦେୟ ବର୍ଦ୍ଧିତ କରିଛନ୍ତି। ଫିଟନେସ ନବୀକରଣ ପାଇଁ 'ବାହାନ'ରେ ଡିପୋଜିଟ ହୋଇପାରୁନାହିଁ। ପରିବହନ ୱେବ ସାଇଟରେ ଡିପୋଜିଟ କରାଯାଉଥିବା ବେଳ ଫିଟନେସ ସାର୍ଟିଫିକେଟ ପାଇଁ ନିକଟସ୍ଥ ଏଟିଏସ ସହ ଯୋଗାଯୋଗ କରିବାକୁ ସୂଚନା ଦେଉଛି। ତେବେ ଏଟିଏସ ସେବା ଓଡିଶାର କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ବ୍ୟତିତ ୩୮ଟି ପରିବହନ ବିଭାଗକୁ ପରିବହନ ୱେବସାଇଟରେ ସୂଚନାଯୋଗ୍ୟ ଦେଉନାହିଁ। ଫିଟନେସ ଅବଧି ଥିବା ସମୟରେ ସରକାରଙ୍କ ଫିଟନେସ ଦେୟ ବିନା ଜରିମାନା ରେ ନେଉନଥିବା ବେଳେ ଏବେ ନିର୍ଦ୍ଧାରିତ ଅବଧି ପରେ ମଧ୍ୟ ପାଞ୍ଚ ଶହ ଟଙ୍କା ଜରିମାନା ଦେବାକୁ ବାହାନ ସେବା ରେ ସୂଚନା ଦେଉଥିଲେ ମଧ୍ୟ ଫିଟନେସ ଫି ଗ୍ରହଣ କରୁନାହିଁ। ଏଭଳି ସାଙ୍ଘାତିକ ବ୍ୟତିକ୍ରମ ଯୋଗୁ ବିନା ଫିଟନେସରେ ଗାଡି ଗୁଡିକ ରାସ୍ତା ରେ ଯାତାୟତ କରୁଛି ପରିବହନ ବିଭାଗର ତ୍ରୁଟି ଥିଲେ ମଧ୍ୟ ନଛୋଡବନ୍ଧା ଏନଫୋର୍ସମେଣ୍ଟ କର୍ମଚାରୀ ଫିଟନେସ ନଥିବା ଦର୍ଶାଇ ୫ ହଜାର ଏପରିକି ଫିଟନେସ ଜରିମାନା ନଦେଇ ଦ୍ୱିତୀୟ ଥର ଧରାପଡିଲେ ୧୦ ହଜାର ଟଙ୍କାରେ ଦଣ୍ଡିତ ହେବାକୁ ପଡୁଥିବା ଅଭିଯୋଗ ହେଉଛି। ସେହିପରି ପରିବହନ ବିଭାଗ ଦ୍ୱାରା ଜଙ୍କିଆ ଥାନା ଅଧିନସ୍ଥ ଗୋଡିପଡା ଟୋଲପ୍ଲାଜା ସମେତ ବିଭିନ୍ନ ଟୋଲପ୍ଲାଜା ରେ ଲଗାଯାଇଥିବା କ୍ୟାମେରାରେ ଫଟୋ ଉତୋଳନ ନହୋଇ ଚାଲାଣ କଟୁଥିବା ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ସରକାର ଗତ ଜୁଲାଇ ମାସ ସୁଧା ଦୁଇ ଚକିଆ ଠାରୁ ଭାରିଯାନ ପର୍ଯ୍ୟନ୍ତ ଯେତେ ଗାଡି ଉପରେ ଚାଲାଣ ବାକି ପଡିଛି ଅଧା ଟଙ୍କା କୌଣସି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ନଯାଇ ସିଧାସଳଖ ଅନଲାଇନରେ ପୈଠ କରିବାକୁ ଘୋଷଣା କରି ଜନସାଧାରଣଙ୍କୁ ସୁବିଧା ଯୋଗାଇ ଦେଲେ। ବହୁ ମୋଟର ଯାନ ଉପରେ ଥିବା ପୁରୁଣା ଚାଲାଣ ଗୁଡିକୁ ସଂପୃକ୍ତ ପରିବହନ କାର୍ଯ୍ୟାଳୟ କୋର୍ଟକୁ ପଠାଇଦେଇଥିବାରୁ ସରକାରଙ୍କ ଘୋଷଣା ରିହାତିରୁ ଏହି ଗାଡି ଗୁଡିକ ବଞ୍ଚିତ ହୋଇଥିବା ବେଳେ ପୁଲିସ କିମ୍ବା ଟ୍ରାଫିକ ଚାଲାଣ ଗୁଡିକ ମଧ୍ୟ କୋର୍ଟ କୁ ପଠାଇଦିଆଯାଇଥିବାରୁ ଜନସାଧାରଣଙ୍କୁ ଚାଲାଣ ପରିଶୋଧ କରିବା ପାଇଁ ନାହିଁନଥିବା ହଇରାଣ ହେବାକୁ ପଡୁଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କିଛି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କୋର୍ଟକୁ ପଠାଇ ଦିଆଯାଇଥିବା ଚାଲାଣ ଗୁଡିକୁ ଅନଲାଇନକୁ ରିଭୋର୍ଟ କରିଦେଇଥିବା ବେଳେ ବହୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରୋକ୍ଷରେ ହେଉ ପ୍ରତ୍ୟକ୍ଷରେ ଚାଲାଣ କୋର୍ଟରୁ ରିଭୋଟ କରିବାକୁ ଉତ୍କୋଚ ନେବା ଏବେ ବ୍ୟବସାୟରେ ପରିଣତ କରିଦେଇଥିବା ଜଣାପଡିଛି। ରାଜ୍ୟ ପରିବହନ କମିଶନର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଶୁ ପଦକ୍ଷେପ ନେବାକୁ ଦୃଷ୍ଟି ଆକର୍ଷଣ କରାଯାଇଛି।

